रेजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡ଼ି-221

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII— ଖଣ୍ଡ I**

**प्राधिकार से प्रकाशित**
**PUBLISHED BY AUTHORITY**
**ପ୍ରାଧିକାର ଦ୍ୱାରା ପ୍ରକାଶିତ**

**No. 1 NEW DELHI, FRIDAY, MAY 3, 1991/BAISAKH 13, 1913, (SAKA) VOL. 2**
ସଂ 1 ନୂଆଦିଲ୍ଲୀ, ଶୁକ୍ରବାର, ମଇ 3, 1991/ବୈଶାଖ 13, 1913 (ଶକ) ଗ୍ରନ୍ଥଖଣ୍ଡ 2

## MINISTRY OF LAW AND JUSTICE

**(Legislative Department)**

*New Delhi, dated the 3rd May 1991/13 Baisakh, 1913 (SAKA)*

The Translation in Oriya of the following:—

(1) The Convert's Marriage Dissolution Act, 1866 (2) The Suits Valuation Act, 1887 (3) The Excise (Spirits) Act, 1863 (4) The Children (Pledging of Labour) Act, 1933 (5) The Indian Telegraph Act, 1885 (6) The Two Member Constituencies (Abolition) Act, 1961, (7) The Police Act, 1861 are hereby published under the authority of the President and shall be deemed to be the Authoritative Text thereof in Oriya under Clause (a) of Section 2 of the Authoritative Texts (Central Laws) Act, 1973 (50 of 1973).

# ଭାରତୀୟ ଟେଲିଗ୍ରାଫ୍ ଅଧିନିୟମ, 1885

**1885ର ଅଧିନିୟମ ସଂ 13**

## ଭାରତରେ ଟେଲିଗ୍ରାଫ୍ ସମ୍ପର୍କୀୟ ବିଧିକୁ ସଂଶୋଧନ କରିବା ଲାଗି ଏକ ଅଧିନିୟମ

22 ଜୁଲାଇ, 1885

**ଯେହେତୁ** ଭାରତରେ ଟେଲିଗ୍ରାଫ୍ ସଂପର୍କୀୟ ବିଧିକୁ ସଂଶୋଧନ କରିବା ସମୀଚୀନ **ଅଟେ**; ତେଣୁ ଏତଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା :—

## ଭାଗ I

## ପ୍ରାରମ୍ଭିକ

ସଂକ୍ଷିପ୍ତ ନାମ, ସ୍ଥାନୀୟ ବିସ୍ତାର ଏବଂ ପ୍ରାରମ୍ଭ ।

1. (1) ଏହି ଅଧିନିୟମ ଭାରତୀୟ ଟେଲିଗ୍ରାଫ୍ ଅଧିନିୟମ, 1885 ନାମରେ ଅଭିହିତ ହେବ ।

(2) ଏହା ସମଗ୍ର ଭାରତ ପ୍ରତି ବିସ୍ତୃତ ।

(3) ଏହା 1885 ଅକ୍ଟୋବର ପହିଲା ଦିନ ପ୍ରବୃତ୍ତ ହେବ ।

2. [ନିରସନ ଓ ବ୍ୟାବୃତ୍ତି] ନିରସନ ଅଧିନିୟମ, 1938, (1938ର 1), ଧାରା 2 ଓ ଅନୁସୂଚୀ ଦ୍ୱାରା ନିରସିତ ।

ସଂଜ୍ଞା

3. ବିଷୟ ବା ପ୍ରସଙ୍ଗରେ କୌଣସି ବିରୁଦ୍ଧ ବିଷୟ ନ ଥିଲେ, ଏହି ଅଧିନିୟମରେ—

(1) "ଟେଲିଗ୍ରାଫ"ର ଅର୍ଥ ତାର, ଦୃଶ୍ୟ ବା ଅନ୍ୟ ବିଦ୍ୟୁତ୍ଚୁମ୍ବକୀୟ ନିଃସରଣ, ରେଡ଼ିଓ ତରଙ୍ଗ ବା ହର୍ଟସିଏନ୍ ତରଙ୍ଗ, ଗାଲଭନିକ, ବୈଦ୍ୟୁତିକ ବା ଚୁମ୍ବକୀୟ ମାଧ୍ୟମ ଦ୍ୱାରା ଚିହ୍ନ, ସଙ୍କେତ ଲେଖା, ପ୍ରତିବିମ୍ବ ଏବଂ ଯେ କୌଣସି ପ୍ରକାରର ଶବ୍ଦ ବା ସୂଚନାର ସଞ୍ଚାରଣ ବା ଗ୍ରହଣ ଲାଗି ବ୍ୟବହୃତ ବା ବ୍ୟବହାର୍ଯ୍ୟ ଯେକୌଣସି ସାଜସରଞ୍ଜାମ, ଯାନ୍ତ୍ରିକ, ଉପାଦାନ ବା ଉପକରଣ;

**ସ୍ପଷ୍ଟୀକରଣ** :—"ରେଡ଼ିଓ ତରଙ୍ଗ" ବା "ହର୍ଟସିଏନ୍ ତରଙ୍ଗ"ର ଅର୍ଥ କୃତ୍ରିମ ମାର୍ଗପ୍ରଦର୍ଶକ ବିନା ଶୂନ୍ୟରେ ପ୍ରସାରିତ ସେକେଣ୍ଡ ପିଛା 3,000 ଗିଗାସାଇକଲ୍ ଠାରୁ କମ୍ ଫ୍ରିକ୍ୱେନ୍ସି ବିଶିଷ୍ଟ ବିଦ୍ୟୁତ୍ଚୁମ୍ବକୀୟ ତରଙ୍ଗ ।

(2) "ଟେଲିଗ୍ରାଫ୍ ଅଧିକାରୀ" ଅର୍ଥ କେନ୍ଦ୍ର ସରକାରଙ୍କ ଦ୍ୱାରା ବା ଏହି ଅଧିନିୟମ ଅନୁଯାୟୀ ଲାଇସେନ୍ସ ପ୍ରାପ୍ତ ଯେ କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ, ରକ୍ଷିତ ବା ଚାଳିତ କୌଣସି ଟେଲିଗ୍ରାଫ୍ ସଂପର୍କରେ ସ୍ଥାୟୀ ବା ଅସ୍ଥାୟୀ ଭାବେ ନିୟୋଜିତ ଯେ କୌଣସି ବ୍ୟକ୍ତି;

(3) "ବାର୍ତ୍ତା" ଅର୍ଥ ଟେଲିଗ୍ରାଫ୍ ଦ୍ୱାରା ପ୍ରେରିତ, ବା ଟେଲିଗ୍ରାମ୍ ଦ୍ୱାରା ପ୍ରେରିତ ହେବା ଲାଗି ବା ପରିଦାନ କରାଯିବା ଲାଗି ଜଣେ ଟେଲିଗ୍ରାଫ୍ ଅଧିକାରୀଙ୍କୁ ଦିଆଯାଇଥିବା ଯେ କୌଣସି ସଂସୂଚନା ;

(4) "ଟେଲିଗ୍ରାଫ୍ ଲାଇନ"ର ଅର୍ଥ କୌଣସି ଟେଲିଗ୍ରାଫ୍ ଉଦ୍ଦେଶ୍ୟରେ ବ୍ୟବହୃତ ତାରକୁ ବେଢ଼ିଥିବା ଖୋଳ, ବିଲେପନ, ନଳ ବା ପାଇପ୍ ସମେତ ସେହି ତାର ବା ତାରମାନ ଏବଂ ତାହାକୁ ଲଗାଇବା ବା ଆଚ୍ଛାଦିତ କରିବା ଉଦ୍ଦେଶ୍ୟରେ ତତ୍ସଂଯୁକ୍ତ ଯେ କୌଣସି ସାଜସରଂଜାମ ଓ ଉପକରଣ ;

(5) "ଖୁଣ୍ଟି"ର ଅର୍ଥ ଏକ ଟେଲିଗ୍ରାଫ୍ ଲାଇନ ନେବା, ଲଟକାଇବା ବା ଢିରାଦେବା ନିମିତ୍ତ କୌଣସି ଖୁଣ୍ଟି, ଖୁଣ୍ଟ, ଖମ୍ବ, ଢିରା, ଠେକ କିମ୍ବା ଅନ୍ୟ ସ୍ଥଳୋପରି ବ୍ୟବସ୍ଥା ;

(6) "ଟେଲିଗ୍ରାଫ୍ ପ୍ରାଧିକାରୀ"ର ଅର୍ଥ ଡ଼ାକ ଓ ଟେଲିଗ୍ରାଫ୍‌ର ଡାଇରେକ୍ଟର-ଜେନେରାଲ ଏବଂ ଏହି ଅଧିନିୟମ ଅନୁଯାୟୀ ଟେଲିଗ୍ରାଫ୍ ପ୍ରାଧିକାରୀଙ୍କର ସମସ୍ତ ବା ଯେ କୌଣସି କୃତ୍ୟ ସମ୍ପାଦନ କରିବା ଲାଗି ତାହାଂକ ଦ୍ୱାରା କ୍ଷମତାପନ୍ନ ଯେ କୌଣସି ଅଧିକାରୀ ତାହାର ଅନ୍ତର୍ଗତ ;

(7) "ସ୍ଥାନୀୟ ପ୍ରାଧିକାରୀ" ର ଅର୍ଥ ଯେ କୌଣସି ମୁନିସିପାଲ୍ କମିଟି, ଜିଲା ବୋର୍ଡ, ବନ୍ଦର କମିସନରଙ୍କ ନିକାୟ ବା କୌଣସି ମୁନିସିପାଲ୍ ବା ସ୍ଥାନୀୟ ନିଧିର ନିୟନ୍ତ୍ରଣ ବା ପରିଚାଳନା କରିବାକୁ ବିଧିମତେ ହକ୍‌ଦାର ବା ସେଥିଲାଗି କେନ୍ଦ୍ର ସରକାର ବା କୌଣସି ରାଜ୍ୟ ସରକାରଂକ ଦ୍ୱାରା କର୍ତ୍ତବ୍ୟନ୍ୟସ୍ତ ଅନ୍ୟ ପ୍ରାଧିକାରୀ ।

## ଭାଗ II

## ସରକାରଙ୍କ ସ୍ୱାଧିକାର ଓ କ୍ଷମତାମାନ

ଟେଲିଗ୍ରାଫ୍ ସଂସ୍ଥାରେ ଅନନ୍ୟ ସ୍ୱାଧିକାର ଏବଂ ଲାଇସେନ୍ସ ଦେବାର କ୍ଷମତା ।

4. (1) ଭାରତ ମଧ୍ୟରେ ଟେଲିଗ୍ରାଫ୍ ପ୍ରତିଷ୍ଠା କରିବା, ରକ୍ଷଣ କରିବା ଓ ଚଳାଇବା ସଂପର୍କରେ ଅନନ୍ୟ ସ୍ୱାଧିକାର କେନ୍ଦ୍ର ସରକାରଂକର ରହିବ :

ପରନ୍ତୁ ଭାରତର ଯେ କୌଣସି ଭାଗ ମଧ୍ୟରେ ଟେଲିଗ୍ରାଫ୍ ପ୍ରତିଷ୍ଠା କରିବା, ରକ୍ଷଣ କରିବା ବା ଚଳାଇବା ଲାଗି କେଂନ୍ଦ୍ର ସରକାର ଯେପରି ଉଚିତ ମନେକରନ୍ତି ସେହି ସର୍ତ୍ତରେ ଓ ସେତିକି ସଂଦାୟର ପ୍ରତିଫଳରେ କେଂନ୍ଦ୍ର ସରକାର ଯେ କୌଣସି ବ୍ୟକ୍ତିକୁ ଏକ ଲାଇସେନ୍ସ ଦେଇପାରିବେ :

ପୁନଶ୍ଚ ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ତଥା ସରକାରୀ ଗେଜେଟରେ ପ୍ରକାଶିତ ନିୟମାବଳୀ ଦ୍ୱାରା କେଂନ୍ଦ୍ର ସରକାର ଯେପରି ଉଚିତ ମନେକରିବେ ସେପରି କଟକଣା ଓ ସର୍ତ୍ତାବଳୀ ପ୍ରତି ସାପେକ୍ଷ ହୋଇ ନିମ୍ନ ବିଷୟ ପ୍ରତିଷ୍ଠା କରିବା, ରକ୍ଷଣ କରିବା ଓ ଚଳାଇବାକୁ ଅନୁମତି ଦେଇ ପାରିବେ :—

(କ) ଭାରତୀୟ ରାଜ୍ୟକ୍ଷେତ୍ରୀୟ ଜଳଭାଗ ମଧ୍ୟରେ ଥିବା ଜାହାଜ ଉପରେ ଏବଂ ଭାରତ ବା ଭାରତୀୟ ରାଜ୍ୟକ୍ଷେତ୍ରୀୟ ଜଳଭାଗ ମଧ୍ୟସ୍ଥ ବା ଉପରିସ୍ଥ କୌଣସି ବାୟୁଯାନ ଉପରେ ବେତାର ଟେଲିଗ୍ରାଫ୍, ଓ

(ଖ) ଭାରତର ଯେକୌଣସି ଭାଗରେ ବେତାର ଟେଲିଗ୍ରାଫ୍ ଭିନ୍ନ ଅନ୍ୟ ଯେକୌଣସି ଟେଲିଗ୍ରାଫ୍ ।

(2) କେନ୍ଦ୍ର ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଉପଧାରା (1)ର ପ୍ରଥମ ପରନ୍ତୁକ ଅନୁଯାୟୀ ନିଜର ସମସ୍ତ ବା ଯେକୌଣସି କ୍ଷମତା ଟେଲିଗ୍ରାଫ୍ ପ୍ରାଧିକାରୀଙ୍କୁ ପ୍ରତିନିଧାନ କରିପାରିବେ ।

ଟେଲିଗ୍ରାଫ୍ ପ୍ରାଧିକାରୀଙ୍କ ଦ୍ୱାରା ଏଭାବେ ପ୍ରତିନିହିତ ଯେକୌଣସି କ୍ଷମତାର ପ୍ରୟୋଗ କେନ୍ଦ୍ର ସରକାର ଅଧିସୂଚନା ଦ୍ୱାରା ଯେଉଁ କଟକଣା ଓ ସର୍ତ୍ତାବଳୀ ଆରୋପ କରିବା ଉଚିତ ମନେ କରନ୍ତି ତାହା ପ୍ରତିସାପେକ୍ଷ ହେବ ।

ଲାଇସେନ୍ସପ୍ରାପ୍ତ ଟେଲିଗ୍ରାଫ୍‌ର ଦଖଲ ନେଇଯିବା ଲାଗି ଏବଂ ବାର୍ତ୍ତାରେ ମଧ୍ୟକ୍ଷେପ ଆଦେଶ ଦେବା ଲାଗି ସରକାରଙ୍କ କ୍ଷମତା ।

5. (1) ସାର୍ବଜନିକ ଜରୁରୀ ଅବସ୍ଥା ଉପୁଜିଲେ, ବା ସାର୍ବଜନିକ ନିରାପତ୍ତା କଳ୍ପେ କେଂନ୍ଦ୍ର ସରକାର ବା କୌଣସି ରାଜ୍ୟ ସରକାର ଅଥବା କେଂନ୍ଦ୍ର ସରକାର ବା ରାଜ୍ୟ ସରକାରଂକ ଦ୍ୱାରା ଏତଦୁପଲକ୍ଷେ ବିଶେଷଭାବେ ପ୍ରାଧିକୃତ କୌଣସି ଅଧିକାରୀ ଏପରି କରାଯିବା ଆବଶ୍ୟକ ବା ସମୀଚୀନ ବୋଲି ସନ୍ତୁଷ୍ଟ ହେଲେ (ସାର୍ବଜନିକ ଜରୁରୀ ପରିସ୍ଥିତି ରହିଥିବା ପର୍ଯ୍ୟନ୍ତ ବା ସାର୍ବଜନିକ ନିରାପତ୍ତା କଳ୍ପେ ଏପରି କାର୍ଯ୍ୟ କରାଯିବା ଆବଶ୍ୟକ ହେଉଥିବା ପର୍ଯ୍ୟନ୍ତ) ଏହି ଅଧିନିୟମ ଅନୁଯାୟୀ ଲାଇସେନ୍ସ ପ୍ରାପ୍ତ କୌଣସି ବ୍ୟକ୍ତିଂକ ଦ୍ୱାରା ପ୍ରତିଷ୍ଠିତ, ରକ୍ଷିତ ବା ଚାଳିତ ଯେକୌଣସି ଟେଲିଗ୍ରାଫ୍‌କୁ ଅସ୍ଥାୟୀଭାବେ ଦଖଲକୁ ନେଇ ପାରିବେ ।

(୨) ସାର୍ବଜନିକ ଜରୁରୀ ପରିସ୍ଥିତି ଉପୁଜିଲେ ବା ସାର୍ବଜନିକ ନିରାପତ୍ତା କଲ୍ୟେ କେନ୍ଦ୍ର ସରକାର ବା ରାଜ୍ୟ ସରକାର ଅଥବା କେନ୍ଦ୍ର ସରକାର ବା ରାଜ୍ୟ ସରକାରଙ୍କ ଦ୍ୱାରା ଏତଦୁପଲକ୍ଷେ ବିଶେଷଭାବେ ପ୍ରାଧିକୃତ କୌଣସି ଅଧିକାରୀ ଯଦି ସନ୍ତୁଷ୍ଟ ହୁଅନ୍ତି ଯେ ଭାରତର ସାର୍ବଭୌମତ୍ୱ ବା ଅଖଣ୍ଡତା, ରାଜ୍ୟର ସୁରକ୍ଷା, ବିଦେଶୀ ରାଜ୍ୟମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ବା ସାର୍ବଜନିକ ଶାନ୍ତି କଲ୍ୟେ ଅଥବା କୌଣସି ଅପରାଧ କରିବା ପାଇଁ ଉଦ୍ଦୀପନା ନିବାରଣ କରିବା ନିମିତ୍ତ ଏପରି କରାଯିବା ଆବଶ୍ୟକ ବା ସମୀଚୀନ ଅଟେ, ତାହାହେଲେ ସେ ଆଦେଶ ଦ୍ୱାରା ଏବଂ ଏପରି ଆଦେଶର କାରଣ ଅଭିଲିଖିତ କରି କୌଣସି ବ୍ୟକ୍ତି ବା କୌଣସି ଶ୍ରେଣୀର ବ୍ୟକ୍ତିଙ୍କ ଠାରୁ ବା ତାଙ୍କ ନିକଟକୁ ଆସୁଥିବା ବା କୌଣସି ବିଶେଷ ବିଷୟ ସଂପର୍କରେ ହୋଇଥିବା ଯେ କୌଣସି ବାର୍ତ୍ତା ବା ଯେ କୌଣସି ଶ୍ରେଣୀର ବାର୍ତ୍ତା ଯାହାକି କୌଣସି ଟେଲିଗ୍ରାଫ୍ ଦ୍ୱାରା ସଂଚରଣ କରାଯିବା ପାଇଁ ଅଣାଯାଇଥିବ ବା କୌଣସି ଟେଲିଗ୍ରାଫ୍ ଦ୍ୱାରା ସଂଚରିତ ହୋଇଥିବ ବା ଗ୍ରହଣ କରାଯାଇଥିବ ତାହା ସଂଚରିତ ହେବ ନାହିଁ ବୋଲି ବା ସେଥିରେ ମଧ୍ୟକ୍ଷେପ କରାଯିବ ବା ତାହାକୁ ଅଟକ ରଖାଯିବ ବୋଲି ବା ଆଦେଶ ଦେଉଥିବା ସରକାରଙ୍କ ନିକଟରେ ବା ଆଦେଶରେ ଉଲ୍ଲିଖିତ ତାଙ୍କର କୌଣସି ଅଧିକାରୀଙ୍କ ନିକଟରେ ପ୍ରକଟ କରାଯିବ ବୋଲି ନିର୍ଦ୍ଦେଶ ଦେଇ ପାରିବେ :

ପରନ୍ତୁ କେନ୍ଦ୍ର ସରକାର ବା କୌଣସି ରାଜ୍ୟ ସରକାରଙ୍କ ସାମ୍ବାଦିକ ରୂପେ ଅଧିସ୍ୱୀକୃତ ବ୍ୟକ୍ତି-ମାନଙ୍କର ଯେଉଁ ପ୍ରେସ ବାର୍ତ୍ତାମାନ ଭାରତରେ ପ୍ରକାଶିତ ହେବା ପାଇଁ ଆଶୟିତ ହୋଇଥିବ ଏହି ଉପଧାରା ଅନୁଯାୟୀ ସେ ସବୁର ସଂଚରଣ ପ୍ରତିଷିଦ୍ଧ ହୋଇ ନ ଥିଲେ ତହିଁରେ ମଧ୍ୟକ୍ଷେପ କରାଯିବ ନାହିଁ ବା ଅଟକ ରଖାଯିବ ନାହିଁ ।

**ରେଲବାଇ କମ୍ପାନିର ଭୂମିରେ ଟେଲିଗ୍ରାଫ ପ୍ରତିଷ୍ଠା କରିବା ଲାଗି କ୍ଷମତା ।**

6. କେନ୍ଦ୍ର ସରକାର ଆବଶ୍ୟକ କଲେ ଯେକୌଣସି ରେଲବାଇ କଂପାନି ନିଜର ଭୂମିର ଯେ କୌଣସି ଅଂଶରେ ଏକ ଟେଲିଗ୍ରାଫ୍ ପ୍ରତିଷ୍ଠା ଓ ରକ୍ଷଣ କରିବାକୁ ସେହି ସରକାରଙ୍କୁ ଅନୁମତି ଦେବ ଏବଂ ତାହାର ଚାଳନ ଲାଗି ସକଳ ଯୁକ୍ତିଯୁକ୍ତ ସୁବିଧା ପ୍ରଦାନ କରିବ ।

**ଭାରତ ବାହାର ଦେଶମାନଙ୍କୁ ବାର୍ତ୍ତା ସଂଚରଣ ଦର ଅଧିସୂଚିତ କରିବା କ୍ଷମତା ।**

6 କ. (1) କେନ୍ଦ୍ର ସରକାର ସମୟକୁ ସମୟ ଆଦେଶ ଦ୍ୱାରା, କେଉଁ ଦରରେ ଏବଂ ଅନ୍ୟାନ୍ୟ କେଉଁ ସର୍ତ୍ତାବଳୀ ଓ କଟକଣା ପ୍ରତିସାପେକ୍ଷ ହୋଇ ବାର୍ତ୍ତାମାନ ଭାରତ ବାହାରେ କୌଣସି ଦେଶକୁ ସଂଚରଣ କରାଯାଇ ପାରିବ ତାହା ଅଧିସୂଚିତ କରିପାରିବେ ।

(2) କେନ୍ଦ୍ର ସରକାର ଉପଧାରା (1) ଅନୁଯାୟୀ ଦର ଅଧିସୂଚିତ କରିବାବେଳେ ନିମ୍ନଲିଖିତ ସମସ୍ତ ବା ଯେକୌଣସି ବିଷୟ ପ୍ରତି ଯଥୋଚିତ ଧ୍ୟାନ ଦେବେ, ଯଥା:—

(କ) ଭାରତ ବାହାର ଦେଶମାନଙ୍କରେ ବାର୍ତ୍ତା ସଂଚରଣ ପାଇଁ ତତ୍‌ସମୟ ପ୍ରବୃତ୍ତ ଦର;

(ଖ) ତତ୍‌ସମୟ ପ୍ରବୃତ୍ତ ବୈଦେଶିକ ବିନିମୟ ଦର;

(ଗ) ଭାରତ ଭିତରେ ବାର୍ତ୍ତା ସଂଚରଣ ପାଇଁ ତତ୍‌ସମୟ ପ୍ରବୃତ୍ତ ଦର;

(ଘ) ବିଷୟର ପରିସ୍ଥିତି ଦୃଷ୍ଟେ କେନ୍ଦ୍ର ସରକାର ଉଚିତ ମନେ କରିବା ମତେ ଅନ୍ୟାନ୍ୟ ସୁସଙ୍ଗତ ବିଷୟ ।

**ଟେଲିଗ୍ରାଫ୍ ସଂଚାଳନ ପାଇଁ ନିୟମାବଳୀ ପ୍ରଣୟନ କରିବା କ୍ଷମତା ।**

7. (1) କେନ୍ଦ୍ର ସରକାରଙ୍କ ଦ୍ୱାରା ବା ଏହି ଅଧିନିୟମ ଅନୁଯାୟୀ ଲାଇସେନ୍‌ସ ପ୍ରାପ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରତିଷ୍ଠିତ, ରକ୍ଷିତ ବା ଚାଳିତ ସମସ୍ତ ବା ଯେ କୌଣସି ଟେଲିଗ୍ରାଫର ସଂଚାଳନ ଲାଗି କେନ୍ଦ୍ର ସରକାର, ସମୟକୁ ସମୟ, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏହି ଅଧିନିୟମ ସହ ସଙ୍ଗତ ନିୟମାବଳୀ ପ୍ରଣୟନ କରିପାରିବେ ।

(୨) ଏହି ଧାରା ଅଧୀନ ନିୟମାବଳୀ ଅନ୍ୟାନ୍ୟ ବିଷୟ ମଧ୍ୟରେ ନିମ୍ନଲିଖିତ ସମସ୍ତ ବା ଯେ-କୌଣସି ବିଷୟ ନିମିତ୍ତ ଉପବନ୍ଧ କରିପାରିବ:—

(କ) ଭାରତ ମଧ୍ୟରେ ବାର୍ତ୍ତାମାନ କେଉଁ ଦରରେ ତଥା କି କି ଅନ୍ୟ ସର୍ତ୍ତାବଳୀ ଓ କଟକଣା ପ୍ରତି ସାପେକ୍ଷ ହୋଇ ସଂଚରିତ ହେବ;

(ଖ) ବାର୍ତ୍ତାର ଅନୁଚିତ ମଧ୍ୟକ୍ଷେପ ବା ପ୍ରକଟନକୁ ନିବାରଣ କରିବା ଲାଗି ଆବଶ୍ୟକ ପୂର୍ବ ସତର୍କତା;

(ଗ) ଟେଲିଗ୍ରାଫ୍ କାର୍ଯ୍ୟାଳୟର ହୋଇଥିବା ବା ଏହାର ଜିମାରେ ଥିବା ଟେଲିଗ୍ରାମ ଓ ଅନ୍ୟାନ୍ୟ ଦସ୍ତାବିଜ କେଉଁ କାଳାବଧି ଲାଗି ଓ କେଉଁ ସର୍ତ୍ତାବଳୀ ପ୍ରତି ସାପେକ୍ଷ ହୋଇ ପରିରକ୍ଷିତ ହେବ:

(ଘ) ଟେଲିଗ୍ରାଫ୍ ଅଧିକାରୀଙ୍କ ଜିମାରେ ଥିବା ଟେଲିଗ୍ରାମ ଓ ଅନ୍ୟାନ୍ୟ ଦସ୍ତାବିଜ-ଗୁଡ଼ିକର ତଲାସ ଲାଗି ପ୍ରଭାର୍ଯ୍ୟ ଫିସ୍;

(ଙ) କେଉଁ ସର୍ତ୍ତାବଳୀ ଓ କଟକଣାମାନଙ୍କ ପ୍ରତି ସାପେକ୍ଷ ହୋଇ ଯେ କୌଣସି ଟେଲିଗ୍ରାଫ୍ ଲାଇନ, ଟେଲିଗ୍ରାଫ୍ ସରବରାହ ଲାଗି ସାଜସରଞ୍ଜାମ ବା ଉପକରଣର ପ୍ରତିଷ୍ଠା, ରକ୍ଷଣ, ଚାଳନା, ମରାମତି, ସ୍ଥାନାନ୍ତରଣ, ସ୍ଥାନଚ୍ୟୁତି, ପ୍ରତ୍ୟାହର ବା ଅସଂଯୋଗ କରାଯିବ;

(ଙଙ) କୌଣସି ଟେଲିଗ୍ରାଫ୍ ଲାଇନ, ସାଜସରଞ୍ଜାମ ବା ଉପକରଣ ବ୍ୟବସ୍ଥା କରିବା ପାଇଁ କୌଣସି ଦରଖାସ୍ତ ସଂକ୍ରାନ୍ତରେ ପ୍ରଭାର;

(ଚ) ନିମ୍ନ ସଂପର୍କରେ ପ୍ରଭାର:—

(*i*) ଯେ କୌଣସି ଟେଲିଗ୍ରାଫ୍ ଲାଇନ ସାଜସରଞ୍ଜାମ ବା ଉପକରଣ ପ୍ରତିଷ୍ଠା, ରକ୍ଷଣ ଚାଳନା, ମରାମତି, ସ୍ଥାନାନ୍ତରଣ ବା ସ୍ଥାନଚ୍ୟୁତି ;

(*ii*) ସେହି ଲାଇନ, ସାଜସରଞ୍ଜାମ ବା ଉପକରଣଗୁଡ଼ିକୁ ପ୍ରଚଳିତ କରୁଥିବା ଚାଳକ-ମାନଙ୍କ ସେବା ;

(ଛ) କୌଣସି ରାଜିନାମା ବଳରେ ଟେଲିଗ୍ରାଫ୍ ସରବରାହ ନିମିତ୍ତ କୌଣସି ଟେଲିଗ୍ରାଫ ଲାଇନ୍, ସାଜସରଞ୍ଜାମ ବା ଉପକରଣର ପ୍ରତିଷ୍ଠା, ରକ୍ଷଣ, ଚାଳନା, ମରାମତି, ସ୍ଥାନାନ୍ତରଣ ବା ସ୍ଥାନଚ୍ୟୁତି ସଂକ୍ରାନ୍ତ ଅଧିକାର ଓ ବାଧ୍ୟତା ଯେଉଁ ପଦ୍ଧତି ସହ ସଂଶ୍ଳିଷ୍ଟ ସେଠାରୁ, ଏହି ଧାରା ଅନୁଯାୟୀ ପ୍ରଣୀତ ନିୟମାବଳୀ ବଳରେ ସେହି ଅଧିକାର ଓ ବାଧ୍ୟତା ଯେଉଁ ପଦ୍ଧତି ସହ ସଂଶ୍ଳିଷ୍ଟ ସେଠାକୁ ବଦଳ ହେବା ସଂକ୍ରାନ୍ତ ବିଷୟମାନ ;

(ଜ) କେଉଁ ସମୟରେ, କି ରୀତିରେ, କେଉଁ କେଉଁ ସର୍ତ୍ତ ଅନୁଯାୟୀ ଓ କେଉଁ ବ୍ୟକ୍ତିଙ୍କ ଦ୍ୱାରା ଏହି ଉପଧାରାରେ ଉଲ୍ଲିଖିତ ଦର, ପ୍ରଭାର ଓ ଫିସ୍ ଦିଆଯିବ ଏବଂ ସେହି ଦର, ପ୍ରଭାର ଓ ଫିସ ଦେବା ଲାଗି ପ୍ରତିଭୂତି କିପରି ଦିଆଯିବ;

(ଝ) ନିମ୍ନସ୍ଥଳେ କୌଣସି ବ୍ୟକ୍ତିଙ୍କ ଫାଇଦା ଲାଗି ଯେ କୌଣସି ଟେଲିଗ୍ରାଫ୍ ଲାଇନ, ସାଜ-ସରଞ୍ଜାମ ଓ ଉପକରଣର ବ୍ୟବସ୍ଥା କରିବା ସମ୍ବନ୍ଧରେ ହୋଇଥିବା ଯେ କୌଣସି କ୍ଷତିପାଇଁ କେନ୍ଦ୍ର ସରକାରଙ୍କୁ କ୍ଷତିପୂରଣ ପ୍ରଦାନ—

(କ) ବ୍ୟବହାରାର୍ଥ ସେହି ଲାଇନ, ସାଜସରଞ୍ଜାମ ବା ଉପକରଣ ସଂଯୋଜିତ ହେବା ପରେ ଏହି ନିୟମାବଳୀ ଦ୍ୱାରା ଧାର୍ଯ୍ୟ କରାଯାଇଥିବା କାଳାବଧିର ଅବସାନ ପୂର୍ବରୁ ସେହି ବ୍ୟକ୍ତିଙ୍କ ଦ୍ୱାରା ତାହା ପରିତ୍ୟକ୍ତ ହୋଇଯିବା ସ୍ଥଳେ, ବା

(ଖ) ସେହି ଲାଇନ, ସାଜସରଞ୍ଜାମ ବା ଉପକରଣ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ କରା ଯାଇଥିବା କାର୍ଯ୍ୟ, ତାହା ବ୍ୟବହାରାର୍ଥ ସଂଯୋଜିତ ହେବା ପୂର୍ବରୁ, ସେହି ବ୍ୟକ୍ତିଙ୍କର କେତେକ କୃତି ବା ଅକୃତି ଯୋଗୁ ନିଷ୍ଫଳ ହୋଇ ଯିବା ସ୍ଥଳେ,

(ଞ) ଖଣ୍ଡ (ଝ) ରେ ଉଲ୍ଲିଖିତ କ୍ଷତିପୂରଣ କି ନୀତି ଅନୁସାରେ ଏବଂ କେଉଁ ପ୍ରାଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ହେବ ;

(ଞଞ) କୌଣସି ଟେଲିଗ୍ରାଫ୍‌ର ପ୍ରତିଷ୍ଠା, ରକ୍ଷଣ ଓ ଚାଳନା ଲାଗି ନିଯୋଜିତ ବ୍ୟକ୍ତିମାନେ କି ଯୋଗ୍ୟତା ସଂପନ୍ନ ହେବେ ଏବଂ କେଉଁ କେଉଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ତଥା ସେହି ପରୀକ୍ଷାରେ ପ୍ରବେଶ କରିବା ଲାଗି କେତେ ଫିସ୍ ନିଆଯିବ ;

(ଟ) ଏହି ଅଧିନିୟମ ଅନୁଯାୟୀ ସମସ୍ତ ବା ଯେ କୌଣସି ଟେଲିଗ୍ରାଫର ଉଚିତ ଏବଂ ଦକ୍ଷ ସଞ୍ଚାଳନ ଲାଗି ଅନ୍ୟ ଯେଉଁ ବିଷୟ ନେଇ ବ୍ୟବସ୍ଥା ଆବଶ୍ୟକ ।

(3) ଏହି ଅଧିନିୟମ ଅନୁଯାୟୀ ଲାଇସେନ୍ସ ପ୍ରାପ୍ତ ଯେ କୌଣସି ବ୍ୟକ୍ତି ଦ୍ୱାରା ପ୍ରତିଷ୍ଠିତ, ରକ୍ଷିତ ବା ଚାଳିତ ଯେ କୌଣସି ଟେଲିଗ୍ରାଫ୍ ସଂସ୍ଥାର ପରିଚାଳନା ଲାଗି ନିୟମାବଳୀ ପ୍ରଣୟନ କଲାବେଳେ କେନ୍ଦ୍ର ସରକାର ତାହାର ଯେକୌଣସି ଭଙ୍ଗପାଇଁ ନିୟମାବଳୀ ଦ୍ୱାରା ଜୋରିମାନା ବିହିତ କରିପାରିବେ ;

ପରନ୍ତୁ, ଏଭାବେ ବିହିତ ଜୋରିମାନା ନିମ୍ନଲିଖିତ ସୀମାକୁ ଅତିକ୍ରମ କରିବ ନାହିଁ,

(*i*) ଏହି ଅଧିନିୟମ ଅନୁଯାୟୀ ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତି ସେହି ଭଙ୍ଗ ପାଇଁ ଦଣ୍ଡନୀୟ ହେବା ସ୍ଥଳେ ଏକ ହଜାର ଟଙ୍କା ଏବଂ ଅବିଚ୍ଛିନ୍ନ ଭଙ୍ଗ ସ୍ଥଳେ ପ୍ରଥମ ଦିନର ପରବର୍ତ୍ତୀ ଯେଉଁ ଦିନଗୁଡ଼ିକର ସମଗ୍ର ବା କୌଣସି ଅଂଶ ମଧ୍ୟରେ ଏପରି ଭଙ୍ଗ ଲାଗି ରହିଥାଏ ସେପରି ପ୍ରତ୍ୟେକ ଦିନ ପାଇଁ ଦୁଇଶହ ଟଙ୍କା ଅଧିକତର ଜୋରିମାନା;

(*ii*) ଏ ଭାବେ ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତିଙ୍କ ସେବକ ବା ଅନ୍ୟ କେହି ବ୍ୟକ୍ତି ସେହି ଭଙ୍ଗ ପାଇଁ ଦଣ୍ଡନୀୟ ହେଉଥିବା ସ୍ଥଳେ ଖଣ୍ଡ (*i*) ରେ ବିନିର୍ଦ୍ଦିଷ୍ଟ ପରିମାଣର ଏକ ଚତୁର୍ଥାଂଶ ।

(4) ଏହି ଧାରାରେ କିମ୍ବା ତଦନୁଯାୟୀ ପ୍ରଣୀତ ନିୟମାବଳୀରେ ଥିବା କୌଣସି ବିଷୟକୁ ଏପରି ଅର୍ଥାନ୍ୱୟ କରାଯିବ ନାହିଁ ଯେ ତାହା–

(କ) ଯେଉଁ ସ୍ଥଳେ କୌଣସି ବ୍ୟକ୍ତି ଲୋଡ଼ୁଥିବା ଟେଲିଗ୍ରାଫ୍ ଲାଇନ, ସାଜସରଞ୍ଜାମ ବା ଉପକରଣ ସଂଖ୍ୟା ଦୃଷ୍ଟେ ତାଙ୍କ ସହ ଏକ ରାଜିନାମା କରିବା ଆବଶ୍ୟକ ବା ସମୀଚୀନ ହୁଏ ସେହି ସ୍ଥଳେ ଟେଲିଗ୍ରାଫ୍ ସରବରାହର ମାଧ୍ୟମ ଯୋଗାଇବା ଉଦ୍ଦେଶ୍ୟରେ ସେହି ରାଜିନାମାରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ନିର୍ବନ୍ଧନ ଓ ସର୍ତ୍ତାବଳୀ ଉପରେ କୌଣସି ଟେଲିଗ୍ରାଫ୍ ଲାଇନ ସାଜସରଞ୍ଜାମ ବା ଉପକରଣକୁ କେନ୍ଦ୍ର ସରକାର କର୍ତ୍ତୃକ ପ୍ରତିଷ୍ଠା, ରକ୍ଷଣ ଓ ଚାଳନା କରିବା ଲାଗି ସେହି ବ୍ୟକ୍ତିଙ୍କ ସହିତ ରାଜିନାମା କରିବାରୁ ସେହି ସରକାରଙ୍କୁ ପ୍ରବାରିତ କରୁଅଛି ;

(ଖ) ଟେଲିଗ୍ରାଫ୍ ସରବରାହର ମାଧ୍ୟମ ଯୋଗାଇବା ଉଦ୍ଦେଶ୍ୟରେ କୌଣସି ଟେଲିଗ୍ରାଫ୍ ଲାଇନ, ସାଜସରଞ୍ଜାମ ବା ଉପକରଣ ଯୋଗାଇବାକୁ କେନ୍ଦ୍ର ସରକାରଙ୍କୁ ବାଧ୍ୟ କରୁଅଛି ।

(5) ଏହି ଧାରା ଅନୁଯାୟୀ ପ୍ରଣୀତ ପ୍ରତ୍ୟେକ ନିୟମ ତାହା ପ୍ରଣୀତ ହେବାପରେ ଯଥା ସମ୍ଭବ ଶୀଘ୍ର ସଂସଦର ପ୍ରତ୍ୟେକ ସଦନ ସମକ୍ଷରେ ତାହା ଅଧିବେଶନରେ ଥିବାବେଳେ ମୋଟ ତିରିଶ ଦିନ କାଳାବଧି ଲାଗି ଉପସ୍ଥାପିତ ହେବ ଯେଉଁ କାଳାବଧି କି ଗୋଟିଏ ଅଧିବେଶନ ବା ଦୁଇ କ୍ରମାନ୍ୱୟ ଅଧିବେଶନକୁ ବ୍ୟାପି ପାରେ ଏବଂ ଯଦି ଏହା ଉପସ୍ଥାପିତ କରାଯାଇଥିବା ଅଧିବେଶନ ବା ଅବ୍ୟବହିତ ପରବର୍ତ୍ତୀ ଅଧିବେଶନର ଅବସାନ ପୂର୍ବରୁ ନିୟମରେ କୌଣସି ରୂପଭେଦନ କରିବାକୁ ଉଭୟ ସଦନ ରାଜି ହୁଅନ୍ତି ବା ଉଭୟ ସଦନ ରାଜି ହୁଅନ୍ତି ଯେ ନିୟମଟି ପ୍ରଣୀତ ହେବା ଉଚିତ ନୁହେଁ ତାହାହେଲେ ସେହି ରୂପଭେଦିତ ଆକାରରେ ସେହି ନିୟମ ତତ୍‌ପରେ ପ୍ରଭାବୀ ହେବ, ଅଥବା, ଯଥାସ୍ଥିତି, ପ୍ରଭାବ ବିହୀନ ହେବ, ଅବଶ୍ୟ ସେହି ରୂପଭେଦ ବା ବାତିଲ ସେହି ନିୟମ ଅନୁଯାୟୀ ପର୍ବରୁ କରାଯାଇଥିବା ଯେ କୌଣସି ବିଷୟର ବିଧିମାନ୍ୟତା ଉପରେ ପ୍ରତିକୂଳ ପ୍ରଭାବ ପକାଇବ ନାହିଁ ।

ବିଦ୍ୟମାନ ରାଜିନାମାଗୁଡ଼ିକର ବ୍ୟାବୃତ୍ତି ।

7 କ. ଟେଲିଗ୍ରାଫ୍ ସରବରାହ ପାଇଁ କୌଣସି ଟେଲିଗ୍ରାଫ୍ ଲାଇନ, ସାଜସରଞ୍ଜାମ ବା ଉପକରଣର ପ୍ରତିଷ୍ଠା, ରକ୍ଷଣ ବା ଚାଳନା ସଂକ୍ରାନ୍ତରେ ଭାରତୀୟ ଟେଲିଗ୍ରାଫ୍ (ସଂଶୋଧନ) ଅଧିନିୟମ, 1957ର ପ୍ରାରମ୍ଭ ପୂର୍ବରୁ କୌଣସି ବ୍ୟକ୍ତିଙ୍କସହ କେନ୍ଦ୍ର ସରକାରଙ୍କ କର୍ତ୍ତୃକ କରାଯାଇଥିବା ଯେକୌଣସି ରାଜିନାମାର ପର୍ଯ୍ୟବସାନ ପାଇଁ କୌଣସି ନିୟମାବଳୀର ପ୍ରଣୟନକୁ ଧାରା 7 ର କୌଣସି ବିଷୟ ପ୍ରାଧିକୃତ କରିବ ନାହିଁ; ଏବଂ ସେହି ପ୍ରତିଷ୍ଠା, ରକ୍ଷଣ ବା ଚାଳନା ସଂକ୍ରାନ୍ତ ତଦଧୀନ ସମସ୍ତ ଅଧିକାର ଓ ବାଧ୍ୟତା ସେହି ରାଜିନାମାର ନିର୍ବନ୍ଧନ ଓ ସର୍ତ୍ତାବଳୀ ଅନୁଯାୟୀ ଅବଧାରିତ ହେବ ।

ବିବାଦର ମଧ୍ୟସ୍ଥତା।

7 ଖ. (1) ଏହି ଅଧିନିୟମରେ ଅନ୍ୟଥା ଯେପରି ଅଭିବ୍ୟକ୍ତ ଭାବରେ ଉପବନ୍ଧିତ ହୋଇଅଛି ତାହା ଭିନ୍ନ ଅନ୍ୟଥା ଯଦି କୌଣସି ଟେଲିଗ୍ରାଫ୍ ଲାଇନ, ସାଜସରଞ୍ଜାମ ବା ଉପକରଣ ନେଇ ଟେଲିଗ୍ରାଫ୍ ପ୍ରାଧିକାରୀ ଏବଂ ଯେଉଁ ବ୍ୟକ୍ତିଙ୍କ ଫାଇଦା ପାଇଁ ସେହି ଲାଇନ, ସାଜସରଞ୍ଜାମ ବା ଉପକରଣର ବ୍ୟବସ୍ଥା ହୋଇଛି ବା ହୋଇଥାଏ ସେହି ବ୍ୟକ୍ତିଙ୍କ ମଧ୍ୟରେ ବିବାଦ ଉପୁଜେ ତାହାହେଲେ ସେହି ବିବାଦ ମଧ୍ୟସ୍ଥତା ଦ୍ୱାରା ଅବଧାରିତ ହେବ ଏବଂ ଏକେତ ବିଶେଷ ଭାବରେ ସେହି ବିବାଦର ଅବଧାରଣ ଲାଗିବା ସାଧାରଣଭାବରେ ଏହି ଧାରା ଅନୁଯାୟୀ ବିବାଦଗୁଡିକର ଅବଧାରଣ ଲାଗି କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥଙ୍କ ନିକଟକୁ ପଠାଯିବ ।

(2) ବିବାଦର ପକ୍ଷମାନଙ୍କ ମଧ୍ୟରେ ଉପଧାରା (1) ଅନୁଯାୟୀ ନିଯୁକ୍ତ ମଧ୍ୟସ୍ଥଙ୍କର ଅଧିନିର୍ଣ୍ଣୟ ଚୂଡ଼ାନ୍ତ ହେବ ଏବଂ ତାହାନେଇ କୌଣସି ନ୍ୟାୟାଳୟରେ ପ୍ରଶ୍ନ ଉତ୍‌ଥାପିତ ହେବ ନାହିଁ ।

ଲାଇସେନ୍‌ସଗୁଡ଼ିକର ପ୍ରତିସଂହରଣ ।

8. ଧାରା 4 ଅନୁଯାୟୀ ଦିଆଯାଇଥିବା ଯେ କୌଣସି ଲାଇସେନ୍‌ସଭୁକ୍ତ ଯେ କୌଣସି ସର୍ତ୍ତର ଭଙ୍ଗ ହେଲେ ବା ତଦନୁସାରେ ଦେୟ ଯେ କୌଣସି ପ୍ରତିଫଳ ଦେବାରେ ଖିଲାପକଲେ କେନ୍ଦ୍ର ସରକାର ଯେ କୌଣସି ସମୟରେ ସେହି ଲାଇସେନ୍‌ସ ପ୍ରତିସଂହୃତ କରିପାରିବେ ।

କ୍ଷତି ବା ଲୋକସାନ ପାଇଁ ସରକାର ଦାୟୀ ନୁହଁନ୍ତି ।

9. ଯେ କୌଣସି ବାର୍ତ୍ତାର ଗ୍ରହଣ, ସଂଗ୍ରହଣ ବା ପରିଦାନ ସଂକ୍ରାନ୍ତରେ କୌଣସି ଟେଲିଗ୍ରାଫ୍ ଅଧିକାରୀ ନିଜ କର୍ତ୍ତବ୍ୟରେ ବିଫଳ ହେବାର ପରିମାଣ ସ୍ୱରୂପ ଯେଉଁ କ୍ଷତି ବା ଲୋକସାନ ଘଟିପାରେ ସେଥିଲାଗି ସରକାର ଦାୟୀ ହେବେ ନାହିଁ; ଏବଂ ସେହି ଅଧିକାରୀ ଯଦି ତାହା ଅବହେଳା ବଶତଃ ଦ୍ୱେଷ ପୂର୍ବକ ବା ପ୍ରବଂଚନା ପୂର୍ବକ କରି ନଥାନ୍ତି ତେବେ ସେ ସେହି କ୍ଷତି ବା ଲୋକସାନ ଲାଗି ଦାୟୀ ହେବେ ନାହିଁ ।

# ଭାଗ III

## ଟେଲିଗ୍ରାଫ୍ ଲାଇନ୍ ଓ ଖୁଣ୍ଟି ସ୍ଥାପନ କରିବା କ୍ଷମତା

ଟେଲିଗ୍ରାଫ୍ ଲାଇନ ଓ ଖୁଣ୍ଟିକୁ ସ୍ଥାପନ କରିବା ଓ ରଖିବା ଲାଗି ଟେଲିଗ୍ରାଫ୍ ପ୍ରାଧିକାରୀଙ୍କ କ୍ଷମତା ।

10. ଟେଲିଗ୍ରାଫ୍ ପ୍ରାଧିକାରୀ ଯେ କୌଣସି ସ୍ଥାବର ସଂପତ୍ତି ତଳେ, ଉପରେ, କଡ଼େ କଡେ ବା ମଧ୍ୟଦେଇ କୌଣସି ଟେଲିଗ୍ରାଫ୍ ଲାଇନ ଏବଂ ତାହା ମଧ୍ୟରେ ବା ଉପରେ କୌଣସି ଖୁଣ୍ଟିମାନ ବିଭିନ୍ନ ସମୟରେ ସ୍ଥାପନ କରି ପାରିବେ ଓ ରଖି ପାରିବେ :

ପରନ୍ତୁ,

(କ) କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ବା ରକ୍ଷିତ ବା ଏପରି ପ୍ରତିଷ୍ଠିତ ବା ରକ୍ଷିତ ହେବାକୁ ଥିବା କୌଣସି ଟେଲିଗ୍ରାଫ୍‌ର ଉଦ୍ଦେଶ୍ୟ ଭିନ୍ନ ଅନ୍ୟ ଉଦ୍ଦେଶ୍ୟରେ ଏହି ଧାରା ଦ୍ୱାରା ପ୍ରଦତ୍ତ କ୍ଷମତାକୁ ସେହି ଟେଲିଗ୍ରାଫ୍ ପ୍ରାଧିକାରୀ ପ୍ରୟୋଗ କରିବେ ନାହିଁ ;

(ଖ) ଟେଲିଗ୍ରାଫ୍ ପ୍ରାଧିକାରୀ ଯେଉଁ ସଂପତ୍ତି ତଳେ, ଉପରେ, କଡେ କଡେ, ମଧ୍ୟ ଦେଇ, ମଧ୍ୟରେ ବା ଉପରେ କୌଣସି ଟେଲିଗ୍ରାଫ୍ ଲାଇନ୍ ବା ଖୁଣ୍ଟିକୁ ସ୍ଥାପନ କରନ୍ତି ସେହି ସଂପତ୍ତିରେ କେବଳ ବ୍ୟବହାରାଧିକାର ଭିନ୍ନ ଅନ୍ୟ କୌଣସି ଅଧିକାର କେନ୍ଦ୍ର ସରକାର ଅର୍ଜନ କରିବେ ନାହିଁ; ଓ

(ଗ) ଏହାପରେ ଯେପରି ଉପବନ୍ଧିତ ହୋଇଛି ତାହା ଭିନ୍ନ ଅନ୍ୟକ୍ଷେତ୍ରରେ ଯେକୌଣସି ସ୍ଥାନୀୟ ପ୍ରାଧିକାରୀଙ୍କ ଠାରେ ନିହିତ ହୋଇଥିବା ବା ତାହାର ନିୟନ୍ତ୍ରଣାଧୀନ ବା ପରିଚାଳନାଧୀନ ଥିବା ଯେ କୌଣସି ସଂପତ୍ତି ସଂକ୍ରାନ୍ତରେ ସେହି ପ୍ରାଧିକାରୀଙ୍କର ଅନୁମତି ବିନା ଟେଲିଗ୍ରାଫ୍ ପ୍ରାଧିକାରୀ ସେହି କ୍ଷମତା ପ୍ରୟୋଗ କରିବେ ନାହିଁ; ଓ

(ଘ) ଏହି ଧାରା ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗରେ ଟେଲିଗ୍ରାଫ୍ ପ୍ରାଧିକାରୀ ଯଥାସାଧ୍ୟ କମ୍ ଲୋକସାନ କରିବେ ଏବଂ ସେହି ପ୍ରାଧିକାରୀ ଖଣ୍ଡ (ଗ) ରେ ଉଲ୍ଲିଖିତ ସଂପତ୍ତି ଭିନ୍ନ ଅନ୍ୟ ଯେ କୌଣସି ସଂପତ୍ତି ସଂକ୍ରାନ୍ତରେ ସେହି କ୍ଷମତା ପ୍ରୟୋଗ କଲେ ସେହି କ୍ଷମତା ପ୍ରୟୋଗ ହେତୁ ଲୋକସାନ ସହିଥିବା ସମସ୍ତ ସ୍ୱାର୍ଥାନ୍ୱିତ ବ୍ୟକ୍ତିଙ୍କୁ ପୂରା କ୍ଷତିପୂରଣ ଦେବେ ।

ଟେଲିଗ୍ରାଫ୍ ଲାଇନ ବା ଖୁଣ୍ଟିକୁ ମରାମତ କରିବା ବା ଅପସାରିତ କରିବା ଲାଗି ସମ୍ପତ୍ତିରେ ପ୍ରବେଶ କରିବା କ୍ଷମତା ।

11. ଯେ କୌଣସି ଟେଲିଗ୍ରାଫ୍ ଲାଇନ ବା ଖୁଣ୍ଟିକୁ ପରୀକ୍ଷା କରିବା, ମରାମତି କରିବା, ବଦଳାଇବା ବା ଅପସାରିତ କରିବା ଉଦ୍ଦେଶ୍ୟରେ ଟେଲିଗ୍ରାଫ୍ ପ୍ରାଧିକାରୀ ଯେ କୌଣସି ସମୟରେ ସେହି ଲାଇନ ବା ଖୁଣ୍ଟି ଯେଉଁ ସଂପତ୍ତି ତଳେ, ଉପରେ, କଡେ କଡେ, ମଧ୍ୟ ଦେଇ, ମଧ୍ୟରେ ବା ଉପରେ ସ୍ଥାପନ ହୋଇଥିବ ତାହା ଉପରେ ପ୍ରବେଶ କରି ପାରିବେ ।

## ସ୍ଥାନୀୟ ପ୍ରାଧିକାରୀଙ୍କଠାରେ ନିହିତ କିମ୍ବା ତାଙ୍କର ନିୟନ୍ତ୍ରଣ ବା ପରିଚାଳନାଧୀନ ଥିବା ସଂପତ୍ତି ପ୍ରତି ପ୍ରଯୋଜ୍ୟ ଉପବନ୍ଧମାନ

ଶର୍ତ୍ତ ସାପେକ୍ଷ ହୋଇ ଧାରା10, ଖଣ୍ଡ (ଗ) ଅନୁଯାୟୀ ଅନୁମତି ଦେବା ଲାଗି ସ୍ଥାନୀୟ ପ୍ରାଧୀକାରଙ୍କ କ୍ଷମତା ।

12. ଧାରା 10 ର ଖଣ୍ଡ (ଗ) ଅନୁଯାୟୀ କୌଣସି ସ୍ଥାନୀୟ ପ୍ରାଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଯେ କୌଣସି ଅନୁମତି ସେହି ଧାରା ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗ ଫଳରେ ପ୍ରାଧିକାରୀଙ୍କୁ ଯେଉଁ ବ୍ୟୟ ବହନକରିବା ଆବଶ୍ୟକ ହେବ ସେହି ବ୍ୟୟର ସଂଦାୟ ବିଷୟରେ ବା ଯେ କୌଣସି କାର୍ଯ୍ୟର ନିଷ୍ପାଦନର ସମୟ ବା ଢଙ୍ଗ ବିଷୟରେ, ବା ସେହି କ୍ଷମତା ବଳରେ ଟେଲିଗ୍ରାଫ୍ ପ୍ରାଧିକାରୀଙ୍କ ଦ୍ୱାରା ହାତକୁ ନିଆଯାଇଥିବା ଯେ କୌଣସି କାର୍ଯ୍ୟ ସହ ସଂଲଗ୍ନ ବା ସଂପର୍କିତ ଅନ୍ୟ ଯେ କୌଣସି ବିଷୟରେ ସେହି ପ୍ରାଧିକାରୀ ଯେଉଁ ଯୁକ୍ତିଯୁକ୍ତ ସର୍ତ୍ତ ଆରୋପ କରାଯିବା ଉଚିତ ମନେ କରିବେ ସେହି ସର୍ତ୍ତାବଳୀ ପ୍ରତି ସାପେକ୍ଷ ହୋଇ ଦିଆଯାଇପାରିବ ।

ଟେଲିଗ୍ରାଫ୍ ଲାଇନ ବା ଖୁଣ୍ଟି ଅପସାରଣ ବା ପରିବର୍ତ୍ତନ କରିବାକୁ ସ୍ଥାନୀୟ ପ୍ରାଧିକାରୀଙ୍କ କ୍ଷମତା ।

13. ଯେବେ ଏହି ଅଧିନିୟମର ପୂର୍ବଗାମୀ ଉପବଂଧମାନଙ୍କ ଅନୁଯାୟୀ କୌଣସି ସ୍ଥାନୀୟ ପ୍ରାଧିକାରୀଙ୍କଠାରେ ନିହିତ ହୋଇଥିବା ବା ତାହାଙ୍କ ନିୟନ୍ତ୍ରଣାଧୀନ ବା ପରିଚାଳନାଧୀନ ଥିବା ଯେକୌଣସି ସଂପତ୍ତି ତଳେ, ଉପରେ, କଡେ କଡେ, ମଧ୍ୟଦେଇ, ମଧ୍ୟରେ ବା ଉପରେ ଟେଲିଗ୍ରାଫ୍ ପ୍ରାଧିକାରୀଙ୍କ ଦ୍ୱାରା କୌଣସି ଟେଲିଗାଫ୍ ଲାଇନ ବା ଖୁଣ୍ଟି ସ୍ଥାପନ ହୋଇଥାଏ ଏବଂ ସେହି ସ୍ଥାନୀୟ ପ୍ରାଧିକାରୀ ସେହି ଟେଲିଗ୍ରାଫ୍ ଲାଇନ ବା ଖୁଣ୍ଟି ଏ ଭାବେ ସ୍ଥାପନ ହେବା ସମୟପରେ ଯେଉଁ ପରିସ୍ଥିତି ଉଦ୍ଭୂତ ହୋଇଥାଏ ସେଥିପ୍ରତି ଦୃଷ୍ଟି ରଖି ବିଚାର କରନ୍ତି ଯେ ତାହାକୁ ଅପସାରିତ କରିବା ବା ତାହାର ଅବସ୍ଥାନକୁ ପରିବର୍ତ୍ତିତ କରିବା ସମୀଚୀନ ହେବ ତେବେ ସେହି ସ୍ଥାନୀୟ ପ୍ରାଧିକାରୀ, ଯଥାସ୍ଥିତି, ତାହାକୁ ଅପସାରିତ କରିବା ଲାଗି ବା ତାହାର ଅବସ୍ଥାନ ପରିବର୍ତ୍ତିତ କରିବା ଲାଗି ସେହି ଟେଲିଗ୍ରାଫ୍ ପ୍ରାଧିକାରୀଙ୍କୁ କହି ପାରିବେ ।

ଗ୍ୟାସ ବା ପାଣି ପାଇପ ବା ନାଳୀର ଅବସ୍ଥାନକୁ ପରିବର୍ତ୍ତନ କରିବା କ୍ଷମତା ।

14. କୌଣସି ସ୍ଥାନୀୟ ପ୍ରାଧିକାରୀଙ୍କଠାରେ ନିହିତ ହୋଇଥିବା ବା ତାହାଙ୍କ ନିୟନ୍ତ୍ରଣାଧୀନ ବା ପରିଚାଳନାଧୀନ ଥିବା ଯେ କୌଣସି ସଂପତ୍ତି ସଂକ୍ରାନ୍ତରେ ଏହି ଅଧିନିୟମ ଦ୍ୱାରା ଟେଲିଗ୍ରାଫ ପ୍ରାଧିକାରୀଙ୍କୁ ପ୍ରଦତ୍ତ କ୍ଷମତାର ପ୍ରୟୋଗ ଉଦ୍ଦେଶ୍ୟରେ ସେହି ପ୍ରାଧିକାରୀ ଗ୍ୟାସ ବା ପାଣି ଯୋଗାଣ ଲାଗି (ମୁଖ୍ୟ ହୋଇ ନ ଥିବା) ଯେ କୌଣସି ପାଇପର ଅଥବା (ମୁଖ୍ୟ ନାଳୀ ନ ହୋଇଥିବା) ଯେ କୌଣସି ନାଳୀର ଅବସ୍ଥିତିକୁ ପରିବର୍ତ୍ତିତ କରିପାରିବେ :

ପରନ୍ତୁ,

(କ) ଯେବେ ଟେଲିଗ୍ରାଫ୍ ପ୍ରାଧକାରୀ ଏପରି କୌଣସି ପାଇପ ବା ନାଳୀର ଅବସ୍ଥିତିକୁ ପରିବର୍ତ୍ତନ କରିବାକୁ ଇଚ୍ଛା କରନ୍ତି ତେବେ ସେହି ପ୍ରାଧିକାରୀ ଏପରି କରିବାଲାଗି ନିଜର ଅଭିପ୍ରାୟର ଯୁକ୍ତିଯୁକ୍ତ ନୋଟିସ, କେତେବେଳେ ତାହା କରିବାକୁ ଆରମ୍ଭ କରିବେ ତାହା ବିନିର୍ଦ୍ଦିଷ୍ଟ କରି, ସେହି ସ୍ଥାନୀୟ ପ୍ରାଧିକାରୀଙ୍କୁ ଦେବେ ଏବଂ ସେହି ପାଇପ ବା ନାଳ - ସେହି ସ୍ଥାନୀୟ ପ୍ରାଧିକାରୀଙ୍କର ନିୟନ୍ତ୍ରଣାଧୀନ ହୋଇ ନଥିଲେ ଯେଉଁ ବ୍ୟକ୍ତିଙ୍କର ନିୟନ୍ତ୍ରଣ ଅଧୀନରେ ସେହି ପାଇପ ବା ନାଳୀଟି ଥାଏ ତାହାଙ୍କୁ ସେପରି ନୋଟିସ ଦେବେ,

(ଖ) ଖଣ୍ଡ (କ) ଅନୁଯାୟୀ ନୋଟିସ ପାଇବା ସ୍ଥାନୀୟ ପ୍ରାଧିକାରୀ ବା ବ୍ୟକ୍ତି ସେହି କାର୍ଯ୍ୟ ଅଧୀକ୍ଷଣ କରିବା ଲାଗି ଜଣେ ବ୍ୟକ୍ତିଙ୍କୁ ପଠାଇ ପାରିବେ ଏବଂ ଏଭାବେ ପ୍ରେରିତ ବ୍ୟକ୍ତିଙ୍କ ଯୁକ୍ତିଯୁକ୍ତ ସନ୍ତୋଷ ବିଧାନ କଲାଭଳି ଟେଲିଗ୍ରାଫ୍ ପ୍ରାଧିକାରୀ ସେହି କାର୍ଯ୍ୟ ନିଷ୍ପାଦନ କରିବେ ।

ଟେଲିଗ୍ରାଫ୍ ପ୍ରାଧିକାରୀ ଓ ସ୍ଥାନୀୟ ପ୍ରଧିକାରୀଙ୍କ ମଧ୍ୟରେ ବିବାଦ ।

15. (1) ସ୍ଥାନୀୟ ପ୍ରାଧିକାରୀ ଧାରା 10ର ଖଣ୍ଡ (ଗ) ରେ ଉଲ୍ଲିଖିତ ଅନୁମତି ମନା କରିବା କିମ୍ବା ଧାରା 12 ଅନୁଯାୟୀ କୌଣସି ସର୍ତ୍ତ ବିହିତ କରିବା ଫଳରେ ବା ଏହି ଅଧିନିୟମ ଦ୍ୱାରା ପ୍ରଦତ୍ତ କ୍ଷମତାର ପ୍ରୟୋଗ ସଂକ୍ରାନ୍ତରେ ଧାରା 13 ଅନୁଯାୟୀ ବା ଅନ୍ୟଥା କରଯାଇଥିବା କୌଣସି ବରାଦକୁ ଟେଲିଗ୍ରାଫ୍ ପ୍ରାଧିକାରୀ ଅନୁପାଳନ ନ କରିବା ଫଳରେ ଟେଲିଗ୍ରାଫ୍ ପ୍ରାଧିକାରୀ ଏବଂ କୌଣସି ସ୍ଥାନୀୟ ପ୍ରାଧିକାରୀଙ୍କ ମଧ୍ୟରେ ଯଦି କୌଣସି ବିବାଦ ଉପୁଜେ ତାହାହେଲେ କେନ୍ଦ୍ର ସରକାର ସାଧାରଣ ଭାବେ ବା ଏତଦୁପଲକ୍ଷେ ବିଶେଷ ଭାବେ ଯେଉଁ ଅଧିକାରୀଙ୍କୁ ନିଯୁକ୍ତ କରିବେ ତାହାଙ୍କ ଦ୍ୱାରା ବିବାଦଟି ଅବଧାରିତ ହେବ ।

(2) ଏଭାବେ ନିଯୁକ୍ତ ଅଧିକାରୀଙ୍କର ଅବଧାରଣ ଉପରେ ଅପିଲ କେନ୍ଦ୍ର ସରକାରଙ୍କ ଠାରେ କରାଯିବ ଏବଂ କେନ୍ଦ୍ର ସରକାରଙ୍କର ଆଦେଶ ଚୂଡାନ୍ତ ହେବ ।

## ଅନ୍ୟ ସଂପତ୍ତି ପ୍ରତି ପ୍ରଯୋଜ୍ୟ ଉପବଂଧମାନ

କୌଣସି ସ୍ଥାନୀୟ ପ୍ରାଧିକାରୀଙ୍କ ସଂପତ୍ତି ଭିନ୍ନ ଅନ୍ୟ ସଂପତ୍ତି ସ୍ଥଳେ ଧାରା 10 ଦ୍ୱାରା ପ୍ରଦତ୍ତ କ୍ଷମତାର ପ୍ରୟୋଗ ଏବଂ କ୍ଷତିପୂରଣ ନେଇ ବିବାଦ ।

(1) ଯଦି ଧାରା 10ର ଖଣ୍ଡ (ଘ) ରେ ଉଲ୍ଲିଖିତ ସଂପତ୍ତି ସଂବନ୍ଧରେ ସେହି ଧାରାରେ ବର୍ଣ୍ଣିତ କ୍ଷମତାର ପ୍ରୟୋଗକୁ ପ୍ରତିରୋଧ କରାଯାଏ ବା ବାଧା ଦିଆଯାଏ ତେବେ ଜିଲ୍ଲା ମାଜିଷ୍ଟ୍ରେଟ ନିଜ ବିବେକାନୁସାରେ, ଆଦେଶ ଦେଇ ପାରିବେ ଯେ ଟେଲିଗ୍ରାଫ୍ ପ୍ରାଧିକାରୀ ତାହା ପ୍ରୟୋଗ କରିବାକୁ ଅନୁମତି ପ୍ରାପ୍ତ ହେବେ ।

(2) ଯଦି ଉପଧାରା (1) ଅନୁଯାୟୀ ଏକ ଆଦେଶ ହେବା ପରେ, କୌଣସି ବ୍ୟକ୍ତି ସେହି କ୍ଷମତାର ପ୍ରୟୋଗକୁ ପ୍ରତିରୋଧ କରନ୍ତି, ବା ସଂପତ୍ତି ଉପରେ ନିୟନ୍ତ୍ରଣ ଥାଇ ତାହାର ପ୍ରୟୋଗ ଲାଗି ସମସ୍ତ ସୁବିଧା ଦିଅନ୍ତି ନାହିଁ ତାହାହେଲେ ସେହି ବ୍ୟକ୍ତି ଭାରତୀୟ ଦଣ୍ଡ ସଂହିତାର ଧାରା 188 ଅନୁଯାୟୀ ଏକ ଅପରାଧ କରିଛନ୍ତି ବୋଲି ବିବେଚିତ ହେବେ ।

(3) ଯଦି ଧାରା 10ର ଖଣ୍ଡ (ଘ) ଅନୁଯାୟୀ ଦେୟ କ୍ଷତିପୂରଣର ଯଥେଷ୍ଟତା ବିଷୟରେ କୌଣସି ବିବାଦ ଉପୁଜେ ତାହାହେଲେ ସଂପତ୍ତିଟି ଯେଉଁ ଜିଲା ନ୍ୟାୟାଧୀଶଙ୍କର ଅଧିକାରିତା ମଧ୍ୟରେ ଥିବ ତାହାଙ୍କୁ ବିବାଦକାରୀ ଯେ କେହି ପକ୍ଷ ଏତଦୁପଲକ୍ଷେ ଦରଖାସ୍ତ କଲେ ତାହା ସେହି ନ୍ୟାୟାଧୀଶଙ୍କ ଦ୍ୱାରା ଅବଧାରିତ ହେବ ।

(4) ଯଦି କ୍ଷତିପୂରଣ ପାଇବାକୁ ହକଦାର ବ୍ୟକ୍ତିମାନଙ୍କ ସମ୍ପର୍କରେ ବା ସ୍ୱାର୍ଥାନ୍ୱିତ ବ୍ୟକ୍ତିମାନେ କି ଅନୁପାତରେ ତହିଁରେ ଭାଗ ପାଇବାକୁ ହକ୍‌ଦାର ତତ୍‌ସଂବନ୍ଧରେ କୌଣସି ବିବାଦ ଉପୁଜେ ତେବେ ଟେଲିଗ୍ରାଫ୍ ପ୍ରାଧିକାରୀ ଯେଉଁ ପରିମାଣ ଯଥେଷ୍ଟ ବୋଲି ବିବେଚନା କରିବେ ସେହି ପରିମାଣ ଅଥବା ଯେବେ ଅର୍ପିତ ପରିମାଣ ଯଥେଷ୍ଟ ବୋଲି ସବୁ ବିବାଦକାରୀ ପକ୍ଷ ଲିଖିତ ଭାବେ ସ୍ୱୀକାର କରିଥାନ୍ତି କିମ୍ବା ଉପଧାରା (3) ଅନୁଯାୟୀ ଯେଉଁ ପରିମାଣ ଅବଧାରିତ ହୋଇଥାଏ ସେହି ପରିମାଣ ଜିଲା ନ୍ୟାୟାଧୀଶଙ୍କର ନ୍ୟାୟାଳୟରେ ଦେବେ, ଏବଂ ଜିଲା ନ୍ୟାୟାଧୀଶ ପକ୍ଷମାନଙ୍କୁ ନୋଟିସ ଦେଇ ଏବଂ ତନ୍ମଧ୍ୟରୁ ଯେଉଁମାନେ ଶୁଣାଣି ହେବାକୁ ଇଚ୍ଛୁକ ଥିବେ ସେମାନଙ୍କୁ ଶୁଣିବା ପରେ କ୍ଷତିପୂରଣ ପାଇବାକୁ ହକ୍‌ଦାର ବ୍ୟକ୍ତିମାନଙ୍କ ନାମ ବା, ଯଥାସ୍ଥିତି ସ୍ୱାର୍ଥାନ୍ୱିତ ବ୍ୟକ୍ତିମାନେ ତହିଁରେକି ଅନୁପାତରେ ଭାଗ ପାଇବାକୁ ହକଦାର ତାହା ଅବଧାରିତ କରିବେ ।

(5) ଉପଧାରା (3) ବା ଉପଧାରା (4) ଅନୁଯାୟୀ ଜଣେ ଜିଲା ନ୍ୟାୟାଧୀଶଙ୍କ ଦ୍ୱାରା କୌଣସି ବିବାଦର ପ୍ରତ୍ୟେକ ଅବଧାରଣ ଚୂଡ଼ାନ୍ତ ହେବ :

ପରନ୍ତୁ ଟେଲିଗ୍ରାଫ୍ ପ୍ରାଧିକାରୀଙ୍କ ଦ୍ୱରା ପ୍ରଦତ୍ତ କ୍ଷତିପୂରଣ ପାଇଥିବା ବ୍ୟକ୍ତିଙ୍କଠାରୁ ତାହାର ସମଗ୍ରାଂଶ ବା ଯେ କୌଣସି ଅଂଶକୁ ମକଦ୍ଦମା ଦ୍ୱାରା ଅସୁଲ କରିବାଲାଗି ଯେ କୌଣସି ବ୍ୟକ୍ତିଙ୍କର ଥିବା ଅଧିକାରକୁ ଏହି ଉପଧାରାର କୌଣସି ବିଷୟ ପ୍ରଭାବିତ କରିବ ନାହିଁ ।

କୌଣସି ସ୍ଥାନୀୟ ପ୍ରାଧିକାରୀଙ୍କ ସଂପତ୍ତି ଭିନ୍ନ ଅନ୍ୟ ସମ୍ପତ୍ତି ଉପରୁ ଟେଲିଗ୍ରାଫ୍ ଲାଇନ ବା ଖୁଣ୍ଟିର ଅପସାରଣ ବା ପରିବର୍ତ୍ତନ ।

17. (1) ଯେବେ, ଏହି ଅଧିନିୟମର ପୂର୍ବଗାମୀ ଉପବନ୍ଧମାନଙ୍କ ଅନୁଯାୟୀ, କୌଣସି ସ୍ଥାନୀୟ ପ୍ରାଧିକାରୀଙ୍କ ଠାରେ ନିହିତ ବା ତାଙ୍କର ନିୟନ୍ତ୍ରଣ ବା ପରିଚାଳନା ଅଧୀନ ସଂପତ୍ତି ହୋଇ ନ ଥିବା ଯେ କୌଣସି ସଂପତ୍ତି ଉପରେ, କଡ଼େ କଡ଼େ, ମଧ୍ୟ ଦେଇ, ମଧ୍ୟରେ ବା ଉପରେ ଟେଲିଗ୍ରାଫ୍ ପ୍ରାଧିକାରୀଙ୍କ ଦ୍ୱାରା କୌଣସି ଟେଲିଗ୍ରାଫ୍ ଲାଇନ ବା ଖୁଣ୍ଟି ସ୍ଥାପନ କରାଯାଇଥାଏ ଏବଂ ସେହି ସମ୍ପତ୍ତିରେ କାରବାର କରିବାକୁ ହକଦାର ବ୍ୟକ୍ତି ସେହି ସଂପତ୍ତିକୁ ଏପରି ରୀତିରେ କାରବାର କରିବାକୁ ଇଚ୍ଛା କରନ୍ତି ଯାହା ନିମନ୍ତେ କି ଟେଲିଗ୍ରାଫ୍ ଲାଇନ ବା ଖୁଣ୍ଟିକୁ ଅନ୍ୟ ଏକ ଭାଗକୁ ବା ଉଚ୍ଚତର ବା ନିମ୍ନତର ସ୍ତରକୁ ଅପସାରିତ କରିବା ବା ତାହାର ଆକୃତିରେ ପରିବର୍ତ୍ତନ କରିବା ଆବଶ୍ୟକ ବା ସୁବିଧାଜନକ ମନେ ହୁଏ ତେବେ ସେହି ଲାଇନ ବା ଖୁଣ୍ଟିକୁ ତଦନୁସାରେ ଅପସାରିତ ବା ପରିବର୍ତ୍ତିତ କରିବାକୁ ସେହି ଟେଲିଗ୍ରାଫ୍ ପ୍ରାଧିକାରୀଙ୍କୁ କହି ପାରିବେ :

ପରନ୍ତୁ ଧାରା 10 ର ଖଣ୍ଡ (ଘ) ଅନୁଯାୟୀ ଯଦି କ୍ଷତିପୂରଣ ଦିଆଯାଇଥାଏ ତେବେ ସେ ଏପରି ବରାଦ କରିବା ବେଳେ ଅପସାରଣ ବା ପରିବର୍ତ୍ତନର ବ୍ୟୟ ତୁଲାଇବା ପାଇଁ ଆବଶ୍ୟକ ପରିମାଣ ବା କ୍ଷତିପୂରଣ ଭାବେ ଦିଆ ଯାଇଥିବା ପରିମାଣର ଅର୍ଦ୍ଧେକ ମଧ୍ୟରୁ ଯେଉଁଟି କମ୍ ହୋଇଥିବ ସେହି ପରିମାଣ ଟେଲିଗ୍ରାଫ୍ ପ୍ରାଧିକାରୀଙ୍କୁ ଅର୍ପଣ କରିବେ ।

(2) ଯଦି ଟେଲିଗ୍ରାଫ୍ ପ୍ରାଧିକାରୀ ବରାଦ କରାଯିବା ବିଷୟ ଅନୁପାଳନ ନକରନ୍ତି ତେବେ ତାହା ବରାଦ କରୁଥିବା ବ୍ୟକ୍ତି, ସେହି ସଂପତ୍ତି ଯେଉଁ ଜିଲା ମାଜିଷ୍ଟ୍ରେଟଙ୍କ ଅଧିକାରିତା ମଧ୍ୟରେ ଅବସ୍ଥିତ ଥିବ ତାହାଙ୍କୁ ଅପସାରଣ ବା ପରିବର୍ତ୍ତନ ଆଦେଶ ଦେବାଲାଗି, ଦରଖାସ୍ତ କରିପାରିବେ ।

(3) ଉପଧାରା (2) ଅନୁଯାୟୀ କୌଣସି ଦରଖାସ୍ତ ପାଇଲେ ଜିଲା ମାଜିଷ୍ଟ୍ରେଟ ନିଜ ବିବେକାନୁସାରେ ତାହାକୁ ଅଗ୍ରାହ୍ୟ କରି ପାରିବେ ବା ସଂପତ୍ତିର ଅନ୍ୟ କୌଣସି ଭାଗକୁ ବା ଉଚ୍ଚତର ବା ନିମ୍ନତର ସ୍ତରକୁ ସେହି ଟେଲିଗ୍ରାଫ୍ ଲାଇନ ବା ଖୁଣ୍ଟିକୁ ଅପସାରିତ କରିବା ଲାଗି କିମ୍ବା ତାହାର ଆକୃତିର ପରିବର୍ତ୍ତନ ଲାଗି ପକ୍କା ଆଦେଶ ବା ସର୍ତ୍ତ ସାପେକ୍ଷ ଆଦେଶ ଦେଇ ପାରିବେ ଏବଂ ଏ ଭାବେ ଦିଆଯାଇଥିବା ଆଦେଶଟି ଚୂଡ଼ାନ୍ତ ହେବ ।

## ସମସ୍ତ ସଂପତ୍ତି ପ୍ରତି ପ୍ରଯୋଜ୍ୟ ଉପବନ୍ଧମାନ

**ଟେଲିଗ୍ରାଫ ସରବରାହକୁ ଅବରୋଧ କରୁଥିବା ଗଛର ଅପସାରଣ ।**

18· (1) ଯଦି କୌଣସି ଟେଲିଗ୍ରାଫ୍ ଲାଇନ ନିକଟରେ କୌଣସି ଗଛ ଥାଇ ବା ପଡ଼ି ଟେଲିଗ୍ରାଫ୍ ସରବରାହକୁ ଅବରୋଧ କରେ ବା ଅବରୋଧ କରିବାର ସମ୍ଭାବନା ଥାଏ ତାହାହେଲେ ପ୍ରଥମ ବା ଦ୍ୱିତୀୟ ଶ୍ରେଣୀର ମାଜିଷ୍ଟ୍ରେଟ, ଟେଲିଗ୍ରାଫ୍ ପ୍ରାଧିକାରୀଙ୍କ ଦରଖାସ୍ତ ପାଇଲେ ଗଛଟିକୁ ଅପସାରିତ କରାଇ ପାରିବେ କିମ୍ବା ନିଜେ ଉଚିତ ଭାବିବା ପ୍ରକାରେ ତାହାର ଅନ୍ୟ ବ୍ୟବସ୍ଥା କରାଇ ପାରିବେ ।

(2) ଉପଧାରା (1) ଅନୁଯାୟୀ କୌଣସି ଦରଖାସ୍ତ ଫଇସଲା କଲାବେଳେ ସେହି ମାଜିଷ୍ଟ୍ରେଟ ଟେଲିଗ୍ରାଫ୍ ଲାଇନଟି ସ୍ଥାପନ ହେବା ପୂର୍ବରୁ କୌଣସି ଗଛ ଥିଲେ ସେହି ଗଛରେ ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ସେ ଯୁକ୍ତିଯୁକ୍ତ ବୋଲି ଭାବିବା ପ୍ରକାରେ କ୍ଷତିପୂରଣ ପ୍ରଦାନ କରିବେ ଏବଂ ଏହି ପ୍ରଦାନ ଚୂଡ଼ାନ୍ତ ହେବ ।

**ଏହି ଅଧିନିୟମ ପାରିତ ହେବା ପୂର୍ବେ ସ୍ଥାପନ କରାଯାଇଥିବା ଟେଲିଗ୍ରାଫ୍ ଲାଇନ ଓ ଖୁଣ୍ଟ ।**

19· କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ବା ରକ୍ଷିତ କୌଣସି ଟେଲିଗ୍ରାଫ୍ ଉଦ୍ଦେଶ୍ୟରେ ଯେ କୌଣସି ସଂପତ୍ତି ତଳେ, ଉପରେ, କଡ଼େ କଡ଼େ, ମଧ୍ୟଦେଇ, ମଧ୍ୟରେ ବା ଉପରେ ଏହି ଅଧିନିୟମ ପାରିତ ହେବା ପୂର୍ବରୁ ସ୍ଥାପନ କରାଯାଇଥିବା ପ୍ରତ୍ୟେକ ଟେଲିଗ୍ରାଫ୍ ଲାଇନ ଓ ଖୁଂଟି ଏହି ଅଧିନିୟମ ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ ତଥା ତାହାର ସମସ୍ତ ଆବଶ୍ୟକତାର ପାଳନ ପରେ ସ୍ଥାପନ ହୋଇଅଛି ବୋଲି ବିବେଚିତ ହେବ ।

**ଯେଉଁ ବୈଧ ଅଧିକାର ପ୍ରୟୋଗ କରାଗଲେ ତାହା ଟେଲିଗ୍ରାଫକୁ ଲୋକସାନ କରାଇବା ବା ଟେଲିଗ୍ରାଫ୍ ସରବରାହରେ ହସ୍ତକ୍ଷେପ କରିବାର ସମ୍ଭାବନା ଅଛି ତାହା ପ୍ରୟୋଗ କରୁ-ଥିବା ବ୍ୟକ୍ତି ନୋଟିସ ଦେବେ ।**

19କ· (1) ଯେଉଁ ଟେଲିଗ୍ରାଫ୍ ଲାଇନ ବା ଖୁଣ୍ଟି ଏହି ଅଧିନିୟମର ବ୍ୟବସ୍ଥାମାନଙ୍କ ଅନୁଯାୟୀ ଯଥାବିଧି ସ୍ଥାପନ ହୋଇଥାଏ ତାହାର ଲୋକସାନ ଘଟାଇବା ଅଥବା ଟେଲିଗ୍ରାଫ୍ ସରବରାହକୁ ବିଘ୍ନିତ କରିବା ବା ତହିଁରେ ହସ୍ତକ୍ଷେପ କରିବା ସଂଭାବନା ଥିବା ଭଳି ରୀତିରେ କୌଣସି ଅଧିକାରର ବୈଧ ପ୍ରୟୋଗ ପାଇଁ ଇଚ୍ଛୁକ ଯେ କେହି ବ୍ୟକ୍ତି ଟେଲିଗ୍ରାଫ ପ୍ରାଧିକାରୀଂକୁ ଅଥବା ଏତଦୁପଲକ୍ଷେ ଟେଲିଗ୍ରାଫ୍ ପ୍ରାଧିକାରୀ ଯେଉଁ ଟେଲିଗ୍ରାଫ୍ ଅଧିକାରୀଙ୍କୁ କ୍ଷମତାପନ୍ନ କରିପାରନ୍ତି ତାହାଂକୁ ସେହି ଅଧିକାରର ଇପ୍ସିତ ପ୍ରୟୋଗ ସମ୍ବନ୍ଧରେ ଅନ୍ୟୁନ ଏକମାସିଆ ଲିଖିତ ନୋଟିସ ଦେବେ ।

(2) ଯଦି ସେପରି କେହି ବ୍ୟକ୍ତି, ଉପଧାରା (1)ର ଉପବନ୍ଧକୁ ଅନୁପାଳନ ନ କରି କୌଣସି ଟେଲିଗ୍ରାଫ୍ ଲାଇନ ବା ଖୁଂଟର ଲୋକସାନ ଘଟାଇବା ବା ଟେଲିଗ୍ରାଫ୍ ସରବରାହକୁ ବିଘ୍ନିତ ବା ତହିଁରେ ମଧ୍ୟକ୍ଷେପ କରିବା ସଂଭାବନା ଥିବା ଭଳି ରୀତିରେ କୌଣସି ସଂପତ୍ତିର କାରବାର କରନ୍ତି ତାହାହେଲେ ପ୍ରଥମ ବା ଦ୍ୱିତୀୟ ଶ୍ରେଣୀର ମାଜିଷ୍ଟ୍ରେଟ, ଟେଲିଗ୍ରାଫ୍ ପ୍ରାଧିକାରୀଙ୍କର ଦରଖାସ୍ତ ଉପରେ ତାହାଙ୍କ ଆଦେଶର ତାରିଖଠାରୁ ଅନଧିକ ଏକମାସ କାଳାବଧି ପାଇଁ ସେହିପରି ରୀତିରେ ସେହି ସଂପତ୍ତିକୁ କାରବାର କରିବାରୁ ନିବୃତ୍ତ ହେବାକୁ ଏବଂ ସେହି କାଳାବଧି ମଧ୍ୟରେ ସେହି ଲୋକସାନ ବିଘ୍ନ ବା ହସ୍ତକ୍ଷେପର ପ୍ରତିକାର କରିବାଲାଗି ବା ନିବାରଣ କରିବା ଲାଗି ଯାହା କରାଯିବା ଆବଶ୍ୟକ ବୋଲି ମାଜିଷ୍ଟ୍ରେଟ ମନେ କରନ୍ତି ସେହି ସମ୍ପତ୍ତି ବିଷୟରେ ସେହି କର୍ମ ତୁରନ୍ତ କରିବାକୁ ସେହି ବ୍ୟକ୍ତିଙ୍କୁ ଆଦେଶ ଦେଇପାରିବେ ।

(3) ନିଜପ୍ରତି ବା ଅନ୍ୟ ଯେ କୌଣସି ମାନବ ପ୍ରତି ଆସନ୍ନ ଶାରୀରିକ କ୍ଷତିକୁ ଏଡ଼ିବାଲାଗି ସଦଭାବ ପୂର୍ଣ୍ଣ ଅଭିପ୍ରାୟ ନେଇ ଉପଧାରା (1) ରେ ଉଲ୍ଲିଖିତ ରୀତିରେ କୌଣସି ସଂପତ୍ତିର କାରବାର କରୁଥିବା ବ୍ୟକ୍ତି ଉକ୍ତ ଉପଧାରାର ଉପବନ୍ଧକୁ ଅନୁପାଳନ କରିଛନ୍ତି ବୋଲି ବିବେଚିତ ହେବ ଯଦି ଅଧିକାରର ଇପ୍ସିତ ପ୍ରୟୋଗର ଯେପରି ନୋଟିସ ଦେବା ପରିସ୍ଥିତି ଦୃଷ୍ଟେ ସଂଭବ ମନେକରନ୍ତି ସେପରି ନୋଟିସ ସେ ଦିଅନ୍ତି, ବା ବିନିର୍ଦ୍ଦିଷ୍ଟ ଆସନ୍ନ ବିପଦ ବରଣ କରିବା ପୂର୍ବରୁ ସେପରି ପୂର୍ବକାଳୀନ ନୋଟିସ ଦେବା ସଂଭବ ନ ହେବା ସ୍ଥଳେ ଯଦି ସେ ଉକ୍ତ ଉପଧାରାରେ ଉଲ୍ଲିଖିତ ପ୍ରାଧିକାରୀ ବା ଅଧିକାରୀଙ୍କୁ ସେହି ଅଧିକାରର ବାସ୍ତବ ପ୍ରୟୋଗର ସୂଚନା ତୁରନ୍ତ ଦିଅନ୍ତି ।

ଏହି ଭାଗ ଅନୁଯାୟୀ ଟେଲିଗ୍ରାଫ୍ ପ୍ରାଧିକାରୀଂକ କ୍ଷମତାକୁ ଲାଇସେନ୍ସଧାରୀଙ୍କୁ ପ୍ରଦାନ କରିବା ଲାଗି କ୍ଷମତା ।

19ଖ. କେନ୍ଦ୍ର ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଧାରା 4 ଅନୁଯାୟୀ ଯେ କୌଣସି ଲାଇସେନ୍ସଧାରୀଂକ ଉପରେ ତାହାଂକ ଲାଇସେନ୍ସର ବିସ୍ତାର ସଂକ୍ରାନ୍ତରେ ଏବଂ କେନ୍ଦ୍ର ସରକାର ଯେଉଁ ସର୍ତ୍ତାବଳୀ ଓ କଟକଣାମାନ ଆରୋପ କରିବାକୁ ଉଚିତ ବୋଲି ଭାବନ୍ତି ତହିଁର ତଥା ଏହି ଭାଗର ଉପବନ୍ଧମାନଙ୍କ ପ୍ରତି ସାପେକ୍ଷ ହୋଇ ସେହି ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ବା ରକ୍ଷିତ କିଂବା ସେପରି ପ୍ରତିଷ୍ଠିତ ବା ରକ୍ଷିତ ହେବାକୁ ଥିବା କୌଣସି ଟେଲିଗ୍ରାଫ୍ ସଂକ୍ରାନ୍ତରେ ଏହି ଭାଗ ଅନୁଯାୟୀ ଟେଲିଗ୍ରାଫ୍ ପ୍ରାଧିକାରୀ ଯେଉଁ କ୍ଷମତା ରଖିଥାନ୍ତି ସେହି ସମସ୍ତ କ୍ଷମତା ବା ତନ୍ମଧ୍ୟରୁ ଯେ କୌଣସି କ୍ଷମତାକୁ ପ୍ରଦାନ କରିପାରିବେ:

ପରନ୍ତୁ ଧାରା 19କ ରେ ବିହିତ ହୋଇଥିବା ନୋଟିସ ସର୍ବଦା ଟେଲିଗ୍ରାଫ ପ୍ରାଧିକାରୀଙ୍କୁ ବା ଧାରା 19 କ (1) ଅନୁଯାୟୀ ନୋଟିସ ନେବାକୁ କ୍ଷମତାପନ୍ନ ହୋଇଥିବା ଅଧିକାରୀଂକୁ ଦିଆଯିବ ।

# ଭାଗ IV

## ଶାସ୍ତି

ଅପ୍ରାଧିକୃତ ଟେଲିଗ୍ରାଫର ପ୍ରତିଷ୍ଠା ରକ୍ଷଣ ବା ଚାଳନା ।

20. (1) ଧାରା 4ର ଉପବଂଧମାନଂକର ଉଲ୍ଲଂଘନ କ୍ରମେ ବା ସେହି ଧାରା ଅନୁଯାୟୀ ପ୍ରଣୀତ ନିୟମାବଳୀ ଦ୍ୱାରା ଅନୁମତି ପ୍ରାପ୍ତ ହେବା ପ୍ରକାରେ ନ ହୋଇ ଅନ୍ୟଥା ଯଦି କେହି ବ୍ୟକ୍ତି ଭାରତ ମଧ୍ୟରେ କୌଣସି ଟେଲିଗ୍ରାଫ୍ ପ୍ରତିଷ୍ଠା, ରକ୍ଷଣ ବା ଚାଳନା କରନ୍ତି ତାହାହେଲେ, ସେହି ଟେଲିଗ୍ରାଫ୍ କୌଣସି ବେତାର ଟେଲିଗ୍ରାଫ୍ ହୋଇଥିବାସ୍ଥଳେ ସେ ତିନିବର୍ଷ ପର୍ଯ୍ୟନ୍ତ କାରାବାସରେ କିଂବା ଜୋରିମାନାରେ କିଂବା ଉଭୟ ଦଣ୍ଡରେ ଏବଂ ଅନ୍ୟ ଯେ କୌଣସି ସ୍ଥଳେ ଏକ ହଜାର ଟଂକା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ ।

(2) ଦଣ୍ଡ ପ୍ରକ୍ରିୟା ସଂହିତା, 1898 ରେ ଯାହାକିଛି ଥିବା ସତ୍ତ୍ୱେ ଏହି ଧାରା ଅନୁଯାୟୀ କୌଣସି ବେତାର ଟେଲିଗ୍ରାଫ୍ ସଂକ୍ରାନ୍ତ ଅପରାଧମାନ ଉକ୍ତ ସଂହିତା ଉଦ୍ଦେଶ୍ୟରେ ଜାମିନ ଯୋଗ୍ୟ ଓ ଅସଂଜ୍ଞେୟ ହେବ ।

(3) ଯେବେ କେହି ବ୍ୟକ୍ତି ଏହି ଧାରା ଅନୁଯାୟୀ ଦଣ୍ଡନୀୟ କୌଣସି ଅପରାଧରେ ସିଦ୍ଧଦୋଷ ହୁଅନ୍ତି, ତେବେ ସେ ଯେଉଁ ନ୍ୟାୟାଳୟ ଆଗରେ ସିଦ୍ଧଦୋଷ ହୁଅନ୍ତି ସେହି ନ୍ୟାୟାଳୟ ନିର୍ଦ୍ଦେଶ ଦେଇ ପାରିବେ ଯେ ଯେଉଁ ଟେଲିଗ୍ରାଫ୍ ସଂକ୍ରାନ୍ତରେ ଅପରାଧ କରାଯାଇଛି ସେହି ଟେଲିଗ୍ରାଫ୍ ବା ତାହାର ଯେ କୌଣସି ଅଂଶ ସରକାରଂକଠାରେ ସମପହୃତ ହେବ ।

ଲାଇସେନ୍ସର ସର୍ତ୍ତ ଭଙ୍ଗ ।

20କ. ଯଦି ଧାରା 4 ଅନୁଯାୟୀ ଦିଆଯାଇଥିବା କୌଣସି ଲାଇସେନ୍ସର ଧାରକ ତାହାଂକ ଲାଇସେନ୍ସଭୁକ୍ତ ଯେ କୌଣସି ସର୍ତ୍ତର ଉଲ୍ଲଂଘନ କରନ୍ତି ତାହାହେଲେ ସେ ଏକ ହଜାର ଟଂକା ପର୍ଯ୍ୟନ୍ତ ଜୋରିମାନାରେ ଏବଂ ସର୍ତ୍ତର ଭଂଗ ଯେତେ ସପ୍ତାହ ଧରି ଲାଗିରହେ ସେହି ପ୍ରତ୍ୟେକ ସପ୍ତାହ ପାଇଁ ପାଞ୍ଚ ଶହ ଟଙ୍କା ପର୍ଯ୍ୟନ୍ତ ଅଧିକତର ଜୋରିମାନାରେ ଦଣ୍ଡିତ ହେବେ ।

ଅପ୍ରାଧିକୃତ ଟେଲିଗ୍ରାଫର ବ୍ୟବହାର ।

21. ଯଦି କେହି ବ୍ୟକ୍ତି କୌଣସି ଟେଲିଗ୍ରାଫ୍ ଏହି ଅଧିନିୟମର ଉଲ୍ଲଂଘନ କ୍ରମେ ପ୍ରତିଷ୍ଠିତ ହୋଇଛି ବା ରକ୍ଷିତ ବା ଚାଳିତ ହୋଇଛି ବୋଲି ଜାଣି ବା ବିଶ୍ୱାସ କରିବାର କାରଣ ଥାଇ ସେହି ଟେଲିଗ୍ରାଫ୍ ଦ୍ୱାରା ଯେ କୌଣସି ବାର୍ତ୍ତା ସଞ୍ଚାରଣ କରନ୍ତି ବା ଗ୍ରହଣ କରନ୍ତି ବା ତତ୍ସଂକ୍ରାନ୍ତ ଯେ କୌଣସି ପ୍ରକାର ସେବା କରନ୍ତି ବା ସେହି ଟେଲିଗ୍ରାଫ୍ ଦ୍ୱାରା ସଞ୍ଚାରଣ ନିମନ୍ତେ କୌଣସି ବାର୍ତ୍ତା ଦିଅନ୍ତି ବା ତଦ୍ଦ୍ୱାରା ପ୍ରେରିତ କୌଣସି ବାର୍ତ୍ତା ଗ୍ରହଣ କରନ୍ତି ତାହାହେଲେ ସେ ପଚାଶ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ ।

ରେଳବାଇ ଭୂମିରେ ଟେଲିଗ୍ରାଫ୍ ପ୍ରତିଷ୍ଠାର ବିରୋଧ ।

22. ଯଦି କୌଣସି ରେଳବାଇ କଂପାନି ବା କୌଣସି ରେଳବାଇ କଂପାନିର କୌଣସି ଅଧିକାରୀ ଧାରା 6 ର ଉପବଂଧମାନ ଅନୁପାଳନ କରିବାରେ ଅବହେଳା କରନ୍ତି ବା କରିବାକୁ ମନା କରନ୍ତି ତାହାହେଲେ ସେହି ଅବହେଳା ବା ମନା ଯେତେଦିନ ଧରି ଲାଗି ରହେ ସେହି ପ୍ରତ୍ୟେକ ଦିନ ଲାଗି ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ ।

ସିଗନାଲ କୋଠରୀ ମଧ୍ୟକୁ ଅନୁପ୍ରବେଶ, ଟେଲିଗ୍ରାଫ୍ କାର୍ଯ୍ୟାଳୟରେ ଅତିକ୍ରମ ବା ବାଧାଦାନ ।

23. ଯଦି କେହି ବ୍ୟକ୍ତି—

(କ) ସକ୍ଷମ ପ୍ରାଧିକାରୀଙ୍କର ଅନୁମତି ବିନା, ସରକାରଙ୍କର ବା ଏହି ଅଧିନିୟମ ଅନୁଯାୟୀ ଲାଇସେନ୍ସ ପ୍ରାପ୍ତ କୌଣସି ବ୍ୟକ୍ତିଙ୍କର କୌଣସି ଟେଲିଗ୍ରାଫ୍ କାର୍ଯ୍ୟାଳୟର ସିଗନାଲ କୋଠରୀ ମଧ୍ୟରେ ପ୍ରବେଶ କରନ୍ତି, ବା

(ଖ) ସେପରି ନ କରିବା ଲାଗି ଯେ କୌଣସି ନିୟମ ବା ନୋଟିସର ଉଲ୍ଲଂଘନ କ୍ରମେ ସେପରି କୌଣସି ଟେଲିଗ୍ରାଫ୍ କାର୍ଯ୍ୟାଳୟର ଚତୁଃପାର୍ଶ୍ୱର ବାଡ଼ ଘେର ମଧ୍ୟରେ ପ୍ରବେଶ କରନ୍ତି, ବା

(ଗ) ସେହିଠାରେ ନିୟୋଜିତ ଯେକୌଣସି ଅଧିକାରୀ ବା ସେବକଙ୍କ ଦ୍ୱାରା ସ୍ଥାନତ୍ୟାଗ କରିବାକୁ ଅନୁରୋଧ କରିବାପରେ ସେହି କୋଠରୀ ବା ଘେର ତ୍ୟାଗ କରିବାକୁ ମନାକରନ୍ତି, ବା

(ଘ) ସେପରି କୌଣସି ଅଧିକାରୀ ବା ସେବକଂକ କର୍ତ୍ତବ୍ୟର ସଂପାଦନରେ ତାଂକୁ ସ୍ୱେଚ୍ଛାକୃତ ଭାବରେ ବାଧା ଦିଅନ୍ତି ବା ରୋକନ୍ତି,

ତାହାହେଲେ ସେ ପାଂଚ ଶହ ଟଂକା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ ।

ବାର୍ତ୍ତାର ବିଷୟବସ୍ତୁ ଜାଣିବାକୁ ବିଧି ବିରୁଦ୍ଧ ଭାବେ ପ୍ରଯତ୍ନ କରିବା ।

24· ଯଦି କେହି ବ୍ୟକ୍ତି ଯେ କୌଣସି ବାର୍ତ୍ତାର ବିଷୟବସ୍ତୁକୁ ବିଧିବିରୁଦ୍ଧ ଭାବେ ଜାଣିବା, ଅଥବା ଏହି ଅଧିନିୟମ ଅନୁଯାୟୀ ଦଣ୍ଡନୀୟ କୌଣସି ଅପରାଧ କରିବା ଆଶୟ ନେଇ ଧାରା 23 ରେ ବର୍ଣ୍ଣିତ କୌଣସି କାର୍ଯ୍ୟ କରନ୍ତି ତାହାହେଲେ ସେ (ଧାରା 23 ଅନୁଯାୟୀ ଯେତେ ଜୋରିମାନାରେ ଦଣ୍ଡନୀୟ ଅଟନ୍ତି ତାହା ବାହାରେ) ଏକ ବର୍ଷ ପର୍ଯ୍ୟନ୍ତ କାରାବାସରେ ଦଣ୍ଡିତ ହୋଇପାରିବେ ।

ଇଚ୍ଛାପୂର୍ବକ ଟେଲିଗ୍ରାଫ୍‌କୁ ଲୋକସାନ କରିବା ବା ବିଗାଡ଼ିବା ।

25· ଯଦି –

(କ) କୌଣସି ବାର୍ତ୍ତାର ସଂପ୍ରେରଣ ବା ପରିଦାନକୁ ନିବାରଣ କରିବା ବା ବାଧା ଦେବା, ବା

(ଖ) କୌଣସି ବାର୍ତ୍ତାକୁ ଗତିରୁଦ୍ଧ କରିବା କିମ୍ବା ତାହାର ବିଷୟବସ୍ତୁସହ ପରିଚିତ ହେବା, ବା

(ଗ) ଅନିଷ୍ଟ କରିବା ––

ଆଶୟ ରଖିବାରେ କେହି ବ୍ୟକ୍ତି କୌଣସି ଟେଲିଗ୍ରାଫ୍‌ରେ ବା ତାହା ସମ୍ବନ୍ଧରେ ବା ତାହାର ଚାଳନାରେ ବ୍ୟବହୃତ ହେଉଥିବା କିମ୍ବା ତାହାର ଭାଗ ବିଶେଷ ହୋଇଥିବା ଯେ କୌଣସି ବ୍ୟାଟେରି, କଳ, ଟେଲିଗ୍ରାଫ୍ ଲାଇନ୍, ଖୁଣ୍ଟି ବା ଅନ୍ୟ କୌଣସି ଜିନିଷର ଲୋକସାନ ଘଟାନ୍ତି, ଅପସାରଣ କରନ୍ତି, ତାହାକୁ ବିଗାଡ଼ନ୍ତି ବା ସ୍ପର୍ଶ କରନ୍ତି ତାହାହେଲେ,

ସେ ତିନି ବର୍ଷ ପର୍ଯ୍ୟନ୍ତ କାରାବାସରେ ବା ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

ଟେଲିଗ୍ରାଫ୍ ଲାଇନ ବା ଖୁଣ୍ଟିକୁ କ୍ଷତି ବା ସେଥିରେ ହସ୍ତକ୍ଷେପ କରିବା ।

25 କ. ଯଦି ଧାରା 25 ଦ୍ୱାରା ଉପବଂଧିତ ହୋଇ ନ ଥିବା କୌଣସି ସ୍ଥଳରେ କୌଣସି ବ୍ୟକ୍ତି କୌଣସି ସଂପତ୍ତିର କାରବାର କରନ୍ତି ଏବଂ ତଦ୍ୱାରା ସ୍ୱେଚ୍ଛାକୃତଭାବରେ ବା ଅବହେଳା ବଶତଃ ଏହି ଅଧିନିୟମର ଉପବଂଧମାନଙ୍କ ଅନୁଯାୟୀ ସେହି ସଂପତ୍ତିରେ ଯଥାବିଧି ସ୍ଥାପନ କରାଯାଇଥିବା କୌଣସି ଟେଲିଗ୍ରାଫ୍ ଲାଇନ୍ ବା ଖୁଣ୍ଟିର ଲୋକସାନ କରନ୍ତି ତାହାହେଲେ ସେହି ଲୋକସାନକୁ ଠିକ କରିବା ଲାଗି ଯେତେ ବ୍ୟୟ ହୋଇଥିବ (ଯେଦି କିଛି ହୋଇଥାଏ ତେବେ) ତାହା ଟେଲିଗ୍ରାଫ୍ ପ୍ରାଧିକାରୀଙ୍କୁ ଦେବାକୁ ସେ ଦାୟୀ ରହିବେ ଏବଂ ଯଦି ଏଭାବେ ହେବା ଲୋକସାନ ହେତୁ ଟେଲିଗ୍ରାଫ୍ ସରବରାହ ବ୍ୟାହତ ହୁଏ ତେବେ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ମଧ୍ୟ ଦଣ୍ଡନୀୟ ହେବେ :

ପରନ୍ତୁ ଯେଉଁ ସ୍ଥଳେ କୌଣସି ଅଧିକାରର ବିଧିସମ୍ମତ ପ୍ରୟୋଗରେ କୌଣସି ସଂପତ୍ତିରେ କାରବାର କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ସେହି ଲୋକସାନ ବା ବ୍ୟାଘାତ ଘଟିଥାଏ ସେହି ସ୍ଥଳେ ସେ ଧାରା 19 କ (1) ର ଉପବଂଧମାନ ପାଳନ କରିଥିଲେ ଏହି ଧାରାର ଉପବଂଧମାନ ପ୍ରଯୁଜ୍ୟ ହେବ ନାହିଁ ।

ଟେଲିଗ୍ରାଫ୍ ଅଧିକାରୀ ବା ଅନ୍ୟ ପଦଧାରୀ ବାର୍ତ୍ତା ନେଇ ପଳାଇବା ବା ତାହାକୁ ପରିବର୍ତ୍ତନ କରିବା ବା ବିଧିବିରୁଦ୍ଧ ଭାବେ ମଧ୍ୟକ୍ଷେପ କରିବା ବା ପ୍ରକଟ କରିବା ବା ସଂକେତଭୁକ୍ତ ତାତ୍ପର୍ଯ୍ୟର ଭେଦ ଖୋଲିଦେବା ।

26· ଯଦି କୌଣସି ଟେଲିଗ୍ରାଫ୍ ଅଧିକାରୀ ବା ଟେଲିଗ୍ରାଫ୍ ଅଧିକାରୀ ହୋଇ ନ ଥିବା ଅଥଚ ଟେଲିଗ୍ରାଫ୍ କାର୍ଯ୍ୟାଳୟ ଭାବେ ବ୍ୟବହୃତ ହେଉଥିବା ଯେକୌଣସି କାର୍ଯ୍ୟାଳୟ ସଂପର୍କରେ ପଦୀୟ କର୍ତ୍ତବ୍ୟ ଯୁକ୍ତ ଥିବା କୌଣସି ବ୍ୟକ୍ତି–

(କ) ଯେଉଁ ବାର୍ତ୍ତା ସଂପ୍ରେରଣ ବା ପରିଦାନ ପାଇଁ ପାଇଥାଆନ୍ତି ତାହାକୁ ସ୍ୱେଚ୍ଛାକୃତ ଭାବରେ ଚପାଇ ଦିଅନ୍ତି, ନେଇ ପଳାନ୍ତି ବା ପରିବର୍ତ୍ତନ କରନ୍ତି, ବା

(ଖ) ସ୍ୱେଚ୍ଛାକୃତ ଭାବରେ ତଥା କେନ୍ଦ୍ର ସରକାରଙ୍କର ବା କୌଣସି ରାଜ୍ୟ ସରକାରଙ୍କର ବା କେନ୍ଦ୍ର ବା କୌଣସି ରାଜ୍ୟ ସରକାରଙ୍କ ଦ୍ୱାରା ବିଶେଷ ଭାବେ ଏପରି ଏକ ଆଦେଶ ଦେବାକୁ ପ୍ରାଧିକୃତ କୌଣସି ଅଧିକାରୀଙ୍କର କୌଣସି ଆଦେଶର ଆଜ୍ଞା ପାଳନ କ୍ରମେ ନ ହୋଇ ଅନ୍ୟଥା କୌଣସି ବାର୍ତ୍ତା ବା ତାହାର କୌଣସି ଭାଗର ସଂପ୍ରେରଣ ନ କରନ୍ତି କିମ୍ବା ତହିଁରେ ମଧ୍ୟକ୍ଷେପ କରନ୍ତି ବା ତାହାକୁ ଅଟକାନ୍ତି ଅଥବା ତାଙ୍କର ପଦୀୟ କର୍ତ୍ତବ୍ୟର

ଅନୁସରଣରେ ବା କୌଣସି ସକ୍ଷମ ନ୍ୟାୟାଳୟର ନିର୍ଦ୍ଦେଶ ପାଳନ ଭିନ୍ନ ଅନ୍ୟଥା କୌଣସି ବାର୍ତ୍ତା ପାଇବାକୁ ହକ୍‌ଦାର ହୋଇ ନ ଥିବା କୌଣସି ବ୍ୟକ୍ତିଙ୍କୁ ସେହି ବାର୍ତ୍ତାର ବିଷୟବସ୍ତୁ ବା ବିଷୟବସ୍ତୁର କୌଣସି ଭାଗକୁ ପ୍ରକଟ କରନ୍ତି, ବା

(ଗ) କୌଣସି ଟେଲିଗ୍ରାଫ୍ ସଙ୍କେତ ସହ ପରିଚିତ ହେବାକୁ ହକ୍‌ଦାର ହୋଇ ନ ଥିବା କୌଣସି ବ୍ୟକ୍ତିଠାରେ ସେହି ସଙ୍କେତର ତାତ୍ପର୍ଯ୍ୟର ଭେଦ ଖୋଲି ଦିଅନ୍ତି ,

ତାହାହେଲେ ସେ ତିନି ବର୍ଷ ପର୍ଯ୍ୟନ୍ତ କାଳାବଧି ଲାଗି କାରାବାସରେ ବା ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

**ଟେଲିଗ୍ରାଫ୍ ଅଧିକାରୀ ସଂବାଦ ନକରି ପ୍ରବଞ୍ଚନାପୂର୍ବକ ବାର୍ତ୍ତା ପଠାଇବା ।**

27. ଯେଉଁ ବାର୍ତ୍ତା ଉପରେ, ଯଥାସ୍ଥିତି, କେନ୍ଦ୍ର ସରକାର କିମ୍ବା ଏହି ଅଧିନିୟମ ଅନୁଯାୟୀ ଲାଇସେନ୍‌ସ ପ୍ରାପ୍ତ କୌଣସି ବ୍ୟକ୍ତି ବିହିତ କରିଥିବା ପ୍ରଭାର ଦିଆ ଯାଇ ନ ଥାଏ ତାହାକୁ ଯଦି କୌଣସି ଟେଲିଗ୍ରାଫ୍ ଅଧିକାରୀ ଏତଦ୍ୱାରା କେନ୍ଦ୍ର ସରକାର ବା ସେହି ବ୍ୟକ୍ତିଙ୍କୁ ପ୍ରବଂଚନା ଆଶୟରଖି, ଟେଲିଗ୍ରାଫ୍‌ରେ ସଂଚରିତ କରନ୍ତି ତାହାହେଲେ ସେ ତିନି ବର୍ଷ ପର୍ଯ୍ୟନ୍ତ କାଳାବଧି ଲାଗି କାରାବାସରେ ବା ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

**ଅସଦାଚରଣ**

28. ଯଦି କୌଣସି ଟେଲିଗ୍ରାଫ୍ ଅଧିକାରୀ ବା ଟେଲିଗ୍ରାଫ୍ ଅଧିକାରୀ ହୋଇ ନ ଥିବା କିନ୍ତୁ ଟେଲିଗ୍ରାଫ୍ କାର୍ଯ୍ୟାଳୟ ଭାବେ ବ୍ୟବହୃତ ହେଉଥିବା ଯେ କୌଣସି କାର୍ଯ୍ୟାଳୟ ସଂବନ୍ଧରେ ପଦୀୟ କର୍ତ୍ତବ୍ୟ ଯୁକ୍ତ ଥିବା କୌଣସି ବ୍ୟକ୍ତି ମଦ୍ୟପାନ, ଅସାବଧାନତା ବା ଅନ୍ୟ ଅସଦାଚରଣ ଜଡ଼ିତ କୌଣସି କାର୍ଯ୍ୟ ନେଇ ଦୋଷୀ ହୁଅନ୍ତି ଯଦ୍ୱାରା କି କୌଣସି ବାର୍ତ୍ତାର ଠିକ୍ ସଂଚରଣ ବା ପରିଦାନ ବାଧା ପାଏ ବା ବିଳମ୍ବିତ ହୁଏ ବା ଯଦି କୌଣସି ଟେଲିଗ୍ରାଫ୍ ଅଧିକାରୀ ବୃଥା କାଳକ୍ଷେପଣ କରନ୍ତି ବା କୌଣସି ବାର୍ତ୍ତାର ସଂଚରଣ ବା ପରିଦାନରେ ବିଳମ୍ବ କରନ୍ତି ତାହାହେଲେ ସେ ତିନି ମାସ ପର୍ଯ୍ୟନ୍ତ କାଳାବଧି ନିମିତ୍ତ କାରାବାସରେ ଅଥବା ଏକ ଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଅଥବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

29. [ମନଗଢ଼ା ବାର୍ତ୍ତା ପଠାଇବା] ଭାରତୀୟ ଟେଲିଗ୍ରାଫ୍ (ସଂଶୋଧନ) ଅଧିନିୟମ, 1971 (1971 ର 33), ଧାରା 4 ଦ୍ୱାରା ନିରସିତ ।

**ଶାସ୍ତି**

29 କ. ଯଦି କୌଣସି ବ୍ୟକ୍ତି, ଉଚିତ ପ୍ରାଧିକାର ବିନା,–

(କ) ଡାକ ଓ ଟେଲିଗ୍ରାଫ୍‌ର ମହାନିର୍ଦ୍ଦେଶକଙ୍କ ଦ୍ୱାରା କିମ୍ବା ତାହାଙ୍କ ପ୍ରାଧିକାର ଅନୁଯାୟୀ କୌଣସି ଦସ୍ତାବିଜ ଦିଆଯାଇଛି ବୋଲି ବିଶ୍ୱାସ ଜନ୍ମାଇବ ବୋଲି ଯୁକ୍ତି ଯୁକ୍ତ ଭାବେ ପରିକଳ୍ପନା କରାଯାଇଥିବା ସ୍ୱଭାବର ଦସ୍ତାବିଜ ତିଆରି କରନ୍ତି ବା ନିର୍ଗମ କରନ୍ତି, ବା

(ଖ) କୌଣସି ଦସ୍ତାବିଜ ଉପରେ ଡାକ ଓ ଟେଲିଗ୍ରାଫ୍‌ର ମହାନିର୍ଦ୍ଦେଶକଙ୍କ ଅଧୀନସ୍ଥ ଯେ କୌଣସି ଟେଲିଗ୍ରାଫ୍ କାର୍ଯ୍ୟାଳୟର କୌଣସି ଷ୍ଟାମ୍ପ ବା ଚିହ୍ନର ଅନୁକରଣରେ ବା ତାହା ସହ ସମାନ ବା ତାହା ବୋଲି ତାତ୍ପର୍ଯ୍ୟିତ ହେଉଥିବା କୌଣସି ଚିହ୍ନ ଦିଅନ୍ତି ବା ଏପରି ସ୍ୱଭାବର ଚିହ୍ନ ଦିଅନ୍ତି ଯାହାକି ଏଭାବେ ଚିହ୍ନିତ ଦସ୍ତାବିଜ ଡାକ ଓ ଟେଲିଗ୍ରାଫ୍‌ର ମହାନିର୍ଦ୍ଦେଶକଙ୍କ ଦ୍ୱାରା କିମ୍ବା ତାହାଙ୍କ ପ୍ରାଧିକାର ଅନୁଯାୟୀ ନିର୍ଗମ କରାଯାଇଛି ବୋଲି ବିଶ୍ୱାସ କରାଇବାକୁ ଯୁକ୍ତିଯୁକ୍ତ ଭାବେ ପରିକଳ୍ପନା କରାଯାଇଥାଏ ,

ତାହାହେଲେ ସେ ପଚାଶ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ ।

**ଭ୍ରମବଶତଃ ପରିଦତ୍ତ ବାର୍ତ୍ତାକୁ ରଖିନେବା ।**

30. ଯଦି କୌଣସି ବ୍ୟକ୍ତି, ଯେଉଁ ବାର୍ତ୍ତା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ପରିଦତ୍ତ ହେବା କଥା ତାହାକୁ ପ୍ରବଞ୍ଚନା ପୂର୍ବକ ରଖି ନିଅନ୍ତି ବା ସ୍ୱେଚ୍ଛାକୃତ ଭାବରେ ଚପାଇ ଦିଅନ୍ତି, ନେଇ ପଳାନ୍ତି ବା ଅଟକାନ୍ତି ଅଥବା ଏପରି କୌଣସି ବାର୍ତ୍ତାକୁ ଫେରାଇବାକୁ କୌଣସି ଟେଲିଗ୍ରାଫ୍ ଅଧିକାରୀଙ୍କ ଦ୍ୱାରା ଆବଶ୍ୟକ କରାଯିବା ପରେ ମଧ୍ୟ ତାହା କରିବାକୁ ଅବହେଳା କରନ୍ତି ବା ମନା କରନ୍ତି ତାହାହେଲେ ସେ ଦୁଇବର୍ଷ ପର୍ଯ୍ୟନ୍ତ କାରାବାସରେ ବା ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

**ଲାଞ୍ଚ**

31. ଭାରତୀୟ ଦଣ୍ଡ ସଂହିତାର ଧାରା 161, 162, 163, 164 ଓ 165 ର ମର୍ମାନୁସାରେ ଜଣେ ଟେଲିଗ୍ରାଫ୍ ଅଧିକାରୀ ଜଣେ ଲୋକସେବକ ବୋଲି ବିବେଚିତ ହେବେ ଏବଂ ଉକ୍ତ ଧାରା 161 ରେ ଥିବା "ବୈଧିକ ପାରିଶ୍ରମିକ"ର ପରିଭାଷାରେ "ସରକାର" ଶବ୍ଦ, ଏହି ଅଧିନିୟମ ଉଦ୍ଦେଶ୍ୟରେ, ଏହି ଅଧିନିୟମ ଅନୁଯାୟୀ ଲାଇସେନ୍‌ସପ୍ରାପ୍ତ ବ୍ୟକ୍ତିଙ୍କୁ ସ୍ୱ ଅର୍ଥାନ୍ତର୍ଗତ କରୁଛି ବୋଲି ବିବେଚିତ ହେବ ।

**ଅପରାଧ କରିବାକୁ ପ୍ରଯନ୍ତ୍ର କରିବା ।**

32. ଯେଉଁ ବ୍ୟକ୍ତି ଏହି ଅଧିନିୟମ ଅନୁଯାୟୀ ଦଣ୍ଡନୀୟ କୌଣସି ଅପରାଧ କରିବାକୁ ପ୍ରଯନ୍ତ୍ର କରନ୍ତି ସେ ସେହି ଅପରାଧ ନିମିତ୍ତ ଏଥିରେ ଉପବନ୍ଧିତ କରାଯାଇଥିବା ଦଣ୍ଡରେ ଦଣ୍ଡିତ ହେବେ ।

# ଭାଗ V

## ଅନୁପୂରକ ବ୍ୟବସ୍ଥା

ଯେଉଁ ସ୍ଥାନରେ ଟେଲିଗ୍ରାଫ୍ ପ୍ରତି ବାରମ୍ବାର ଅପକର୍ମ କରାଯାଉଥାଏ ସେଠାରେ ଅତିରିକ୍ତ ପୋଲିସ ମୁତୟନ କରିବାକୁ କ୍ଷମତା ।

33. (1) ଯେତେବେଳେ ରାଜ୍ୟ ସରକାରଙ୍କୁ ପ୍ରତୀତ ହୁଏ ଯେ କୌଣସି ଟେଲିଗ୍ରାଫ୍ ପ୍ରତି ଦୋଷାବହ କ୍ଷେକସାନ କରାଉଥିବା ବା କରାଇବା ସଂଭାବନା ଥିବା କୌଣସି କାର୍ଯ୍ୟ କୌଣସି ସ୍ଥାନରେ ବାରମ୍ବାର ଓ ଦ୍ୱେଷ ପୂର୍ବକ କରାଯାଉଅଛି ଏବଂ ତେଣୁ ସେହି ସ୍ଥାନରେ ଅତିରିକ୍ତ ପୋଲିସ ବାହିନୀ ମୁତୟନ କରିବା ଆବଶ୍ୟକ ହେଉଅଛି ରାଜ୍ୟ ସରକାର ନିଜେ ଉଚିତ ଭାବିବା ମତେ ଅଧିକା ପୋଲିସ ବାହିନୀ ସେଠାକୁ ପଠାଇପାରିବେ ଏବଂ ଯେ ପର୍ଯ୍ୟନ୍ତ ସେହି ସରକାରଙ୍କ ମତରେ ସେଠାରେ ତାଙ୍କୁ ମୁତୟନ କରି ରଖିବାର ଆବଶ୍ୟକତା ରହିଥାଏ ସେପର୍ଯ୍ୟନ୍ତ ତାଙ୍କୁ ସେଠାରେ ମୁତୟନ କରିପାରିବେ ।

(2) ଅଧିକା ପୋଲିସ ବାହିନୀର ଖର୍ଚ୍ଚ ସେହି ସ୍ଥାନର ଅଧିବାସୀମାନଙ୍କ ଉପରେ ଭରିତ ହେବ ଏବଂ ଜିଲ୍ଲ ମାଜିଷ୍ଟ୍ରେଟ, ରାଜ୍ୟ ସରକାରଙ୍କ ଆଦେଶ ପ୍ରତି ସାପେକ୍ଷ ହୋଇ, ତାଙ୍କ ନିର୍ଣ୍ଣୟମତେ ଅଧିବାସୀ ମାନଙ୍କର ସ୍ୱ ସ୍ୱ ସ୍ୱଚ୍ଛଳତା ଅନୁଯାୟୀ ସେମାନେ କି ଅନୁପାତରେ ସେହି ଖର୍ଚ୍ଚ ଦେବେ ତାହା ନିର୍ଦ୍ଧାରଣ କରିବେ ।

(3) ଉପଧାରା (2) ଅନୁଯାୟୀ ସଂଦେୟ ସବୁ ଧନ, ଜଣେ ମାଜିଷ୍ଟ୍ରେଟଙ୍କ ଅଧିକାରିତାର ସ୍ଥାନୀୟ ସୀମାନ୍ତର୍ଗତ ଖିଲାପକାରୀଙ୍କର ଅସ୍ଥାବର ସଂପତ୍ତିର ଜବ୍ତ ଓ ବିକ୍ରୟ ଦ୍ୱାରା, ତାହାଙ୍କର ଓ୍ୱାରଣ୍ଟ ବଳରେ ବା ଯେ କୌଣସି ସକ୍ଷମ ନ୍ୟାୟାଳୟରେ ମକଦ୍ଦମା ଦ୍ୱାରା ଆଦାୟ ଯୋଗ୍ୟ ହେବ ।

(4) ରାଜ୍ୟ ସରକାର ଲିଖିତ ଆଦେଶ ଦେଇ ଏହି ଧାରା ଉଦ୍ଦେଶ୍ୟରେ ଯେ କୌଣସି ସ୍ଥାନର ସୀମାକୁ ନିର୍ଦ୍ଦିଷ୍ଟ କରି ପାରିବେ ।

ପ୍ରେସିଡେନ୍ସି ସହର-ଗୁଡ଼ିକ ପ୍ରତି ଅଧିନିୟମର ପ୍ରୟୋଗ ।

34. (1) ପ୍ରେସିଡେନ୍ସି ସହରଗୁଡ଼ିକ ପ୍ରତି ଏହି ଅଧିନିୟମର ପ୍ରୟୋଗ ବେଳେ ଏହି ଅଧିନିୟମକୁ ଏପରି ପଢ଼ାଯିବ ସତେ ଯେପରିକି ଧାରା 16, ଉପଧାରା (1) ରେ ଏବଂ ଧାରା 17, ଉପଧାରା (2) ଓ (3) ରେ "ଜିଲ୍ଲ ମାଜିଷ୍ଟ୍ରେଟ" ଶବ୍ଦାବଳୀ ବଦଳେ, ଧାରା 18, ଉପଧାରା (1) ଓ ଧାରା 19-କ, ଉପଧାରା (2) ରେ "ପ୍ରଥମ ବା ଦ୍ୱିତୀୟ ଶ୍ରେଣୀ ମାଜିଷ୍ଟ୍ରେଟ" ଶବ୍ଦାବଳୀ ବଦଳେ ଏବଂ ଧାରା 18, ଉପଧାରା (2) ରେ "ମାଜିଷ୍ଟ୍ରେଟ" ଶବ୍ଦ ବଦଳେ "ପୋଲିସ କମିସନର" ଶବ୍ଦାବଳୀ ଏବଂ ଧାରା 16 ର ଉପଧାରା (3), (4) ଓ (5) ରେ "ଜିଲ୍ଲ ନ୍ୟାୟାଧୀଶ" ଶବ୍ଦାବଳୀ ବଦଳେ "ଲଘୁବାଦ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ" ଶବ୍ଦାବଳୀ ଅଧିନିୟମିତ ହୋଇଅଛି ।

* * * *

(3) ଧାରା 16 ର ଉପଧାରା (3) ଅନୁଯାୟୀ ଲଘୁବାଦ ପ୍ରେସିଡେନ୍ସି ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶଙ୍କୁ ଦରଖାସ୍ତ କରିବା ସଂକ୍ରାନ୍ତ ଫିସ ତାହାହିଁ ହେବ ଯାହାକି ଏକ ପ୍ରେସିଡେନ୍ସି ସହରର ସୀମା ବାହାରେ ଜଣେ ଜିଲ୍ଲ ନ୍ୟାୟାଧୀଶଙ୍କୁ କରାଯିବା ସେପରି ଏକ ଦରଖାସ୍ତ ସଂକ୍ରାନ୍ତରେ ନ୍ୟାୟାଳୟ ଫିସ ଅଧିନିୟମ, 1870 ଅନୁଯାୟୀ ସଂଦେୟ ହୋଇଥିବ ଏବଂ ସେହି ଧାରାର ଉପଧାରା (3) ଓ ଉପଧାରା (4) ଅନୁଯାୟୀ ମୁଖ୍ୟ ନ୍ୟାୟାଧୀଶଙ୍କ ସମକ୍ଷରେ ଥିବା କାର୍ଯ୍ୟବିଧିରେ ସମାନ ଓ ଅନ୍ୟାନ୍ୟ ଆଦେଶିକା ନିମିତ୍ତ ଫିସ ପ୍ରେସିଡେନ୍ସି ଲଘୁବାଦ ନ୍ୟାୟାଳୟ ଅଧିନିୟମ, 1882ର ଚତୁର୍ଥ ଅନୁସୂଚୀରେ ବିବୃତ ହାର ଅନୁସାରେ ସଂଦେୟ ହେବ ।

35. [ଭାଗ ଖ ରାଜ୍ୟଗୁଡ଼ିକର କେତେକ ବିଧିପ୍ରତି ଦୃଷ୍ଟିପାତ] ଭାଗ ଖ ରାଜ୍ୟ (ବିଧି) ଅଧିନିୟମ, 1951 (1951 ର 3), ଧାରା 3 ଓ ଅନୁସୂଚୀ ଦ୍ୱାରା ନିରସିତ ।